## ସଂକ୍ଷେପରେ

### ସୀତାରାମ କଂସାରି ସମାଜ ସଭାପତି ନିର୍ବାଚିତ

ବିନିକା, ୧।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା କଂସାରୀ ସମାଜର ବାର୍ଷିକ ସଭା ସ୍ଥାନୀୟ ଦଧିବାମନ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ନବବର୍ଷକୁ ସ୍ୱାଗତ ସହ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସୀତାରାମ ଦାସଙ୍କୁ ପୁଣିଥରେ ସର୍ବସମ୍ମତି କ୍ରମେ ସଭାପତିଭାବେ ମନୋନୀତ କରାଯାଇଥିଲା। ସମ୍ପାଦକଭାବେ ସଞ୍ଜୟ କୁମାର ଦାସ, ଉପସଭାପତି ଈଶ୍ୱର ମାହାଣା, ସହସମ୍ପାଦକ ସୌମ୍ୟ ରଞ୍ଜନ ମାହାଣା, କୋଷାଧକ୍ଷ ଚନ୍ଦ୍ରାଂଶୁ ସାହୁଙ୍କୁ ମନୋନୟନ କରାଯାଇଥିଲା। ସୂର୍ଯ୍ୟ ନାରାୟଣ ଦାସ, ଅଜିତ ଦାସ, ମୁକୁନ୍ଦ ସାହୁ, ବିଶ୍ୱଜିତ ମାହାଣା, ପଦ୍ମନାଭ ସାହୁ, ମନୋଜ ଦାସ, ଗୋବିନ୍ଦ ମାହାଣା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। କାହ୍ନା ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆବର୍ଷରେ ସାଇ ଭଜନ ସନ୍ଧ୍ୟା

ବରପାଲି,୧।୧(ଡି.ଏନ.ଏ.): ନବବର୍ଷ ଅବସରରେ ବରପାଲି ଶିରିଡି ସାଇ ସଂସ୍ଥାନ ପକ୍ଷରୁ ନିର୍ମାଣାଧୀନ ଶିରିଡି ସାଇ ମନ୍ଦିର ପରିସରରେ ସାଇ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଶିରିଡି ସାଇ ସଂସ୍ଥାନର ମୁଖ୍ୟ ସୁନୀତା ମୁଣ୍ଡ ଅଧକ୍ଷତା କରିଥିଲେ। ବୟନ ଶିଳ୍ପ ମନ୍ତ୍ରୀ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଓ ନଗରପାଳ ଦିନେଶ ଗହୀର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଦୀନବନ୍ଧୁ ପ୍ରଧାନ, ସରୋଜ ତ୍ରିପାଠୀ, ଡାକ୍ତର ରାଧେଶ୍ୟାମ ଅଗ୍ରୱାଲ, ସହଦେବ ପାଢ଼ୀ ଉପସ୍ଥିତ ଥିଲେ। ଗୋକୁଳାନନ୍ଦ ସ୍ୱାଇଁ, ବାଲକିଶୋର ଖାଉଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଲାଙ୍ଗୀରର ସାଂସ୍କୃତିକ ଅନୁଷ୍ଠାନ ପଞ୍ଚମ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପରମାନନ୍ଦ ସ୍ୱାଇଁ ଓ ଧର୍ମେନ୍ଦ୍ର ଭୋଇ। ଏହି କାର୍ଯ୍ୟକ୍ରମରେ ବହୁ ସାଇ ଭକ୍ତ ଉପସ୍ଥିତ ଥିଲେ।

### ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ

ମଥୁରାନଗରୀ,୧।୧: ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି (ଗୋପପୁର)ରେ ଶନିବାର ନୂତନ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ ସେବାକେନ୍ଦ୍ର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ମିର୍ଜ୍ଜା ଟପ୍ପୋ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ, ବିଜେଡି ଟାଉନ ସଭାପତି କିଶୋର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାଉନସିଲର ଦୀପାଞ୍ଜଳି ବାଗ, ଉମାଚରଣ ରାଉତ, ଜନକ ଅଗ୍ରୱାଲ, ରୀନା ମହାପାତ୍ର, ବେଦମତୀ ସେଟ୍, ପୂର୍ବତନ କାଉନସିଲର ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ନିଆରା ଢଙ୍ଗରେ ନବବର୍ଷ ପାଳନ

ଜାମଟିକ୍ରା,୧।୧(ଡି.ଏନ.ଏ.): ଅତାବିରା ଏନଏସି ଅଧୀନ ଲାଦେରପାଲିରେ ନିଆରା ଢଙ୍ଗରେ ନବବର୍ଷ ପାଳନ କରାଯାଇଛି। ରବିବାର ଗ୍ରାମର ପୁରୁଣା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ଯୁବପିଢ଼ି ବୃଦ୍ଧମାନଙ୍କ ଗହଣରେ ନୂତନବର୍ଷକୁ ସ୍ୱାଗତ କରିଥିଲେ। ଗ୍ରାମର କୁନି ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗ୍ରାମ ତଥା ଆଖପାଖ ଅଞ୍ଚଳର ବୃଦ୍ଧାବୃଦ୍ଧମାନଙ୍କ ପାଦଧୌତ ପୂର୍ବକ ଫୁଲଚନ୍ଦନ ଓ ଉତ୍ତରୀୟ ଦେଇ ପୂଜା କରାଯାଇଥିଲା। ଗ୍ରାମର ଯୁବପିଢ଼ି ତଥା ଭଦ୍ରବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ଖଣ୍ଡହତା ଗ୍ରାମର ପ୍ରବଚକ ରମେଶ ଚନ୍ଦ୍ର ଦାଶ ଓ ସାଥିଙ୍କ ଦ୍ୱାରା ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅତାବିରାର ଜୟ ମା' ସମଲେଶ୍ୱରୀ ମେଲୋଡି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଚଗୀତ ଓ ସଙ୍ଗୀତରେ ଗାଁ ମୁଖରିତ ହୋଇଥିଲା।

### ମହିମା ଧର୍ମାବଲମ୍ବୀଙ୍କ ପରଲୋକ

ବିନିକା, ୧।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ମହିମାପଡାର ଧର୍ମ ପରାୟଣ ବ୍ୟକ୍ତି ନକୁଳ ପାଢ଼ୀ( ୮୧)ଙ୍କ ରବିବାର ବୁର୍ଲାରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ପାରାଲିସିସରେ ପୀଡିତ ଥିଲେ। ସେ ମହିମା ଧର୍ମର ପ୍ରଚାରକ ଥିଲେ। ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ଗଣ୍ୟମାଣ୍ୟ ବ୍ୟକ୍ତି ତାଙ୍କ ମହିମାପଡା ସ୍ଥିତ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ। ପାପକ୍ଷୟ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ କିଶୁ ପାଢ଼ୀ ମୁଖାଗ୍ନି ଦେଇଥିଲେ।

## ବରଗଡ଼ ଧନୁଯାତ୍ରାର ଝଲକ


ପାତ୍ରମନ୍ତ୍ରୀଙ୍କ ସହିତ ମହାରାଜ କଂସ ମୀନାବଜାର ବୁଲୁଛନ୍ତି ।


ଗୋପପୁର ଯମୁନା ନଦୀ କୂଳରେ ବସ୍ତ୍ରହରଣ ଦୃଶ୍ୟାଭିନୟ ।



ଗାନ୍ଧୀ ପାର୍କରେ ଚିତ୍ରକଳା ପ୍ରଦର୍ଶନୀ ।

### ଆଜିର ଆକର୍ଷଣ

**ମଥୁରାନଗରୀ**

ଧନୁଯାତ୍ରାକୁ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ନଗର ଭ୍ରମଣ, ହାଟପଦା ଦୁର୍ଗା ମନ୍ଦିରରେ ଦୁର୍ଗାସ୍ତୁତି, ରାଜ ଦରବାରରେ ନ୍ୟାୟ ବିଚାର ।

**ଗୋପପୁର**

ଗୋପୀଙ୍କ ଦଧିବିକା, ରାଧାକୃଷ୍ଣଙ୍କ ନାବକେଳି (ବରଗଡ଼ ମନାବନ୍ଧ), ନନ୍ଦ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ ।

# ଜନସାଧାରଣଙ୍କ ସହଭାଗିତା ଜିଲାକୁ ଆଗେଇ ନେବ

### ଝାରସୁଗୁଡା ଜିଲାର ୨୯ତମ ପ୍ରତିଷ୍ଠା ଦିବସ

ଝାରସୁଗୁଡା ଅଫିସ,୧।୧



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ଝାରସୁଗୁଡ଼ା ଜିଲାର ୨୯ତମ ପ୍ରତିଷ୍ଠା ଦିବସ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାକୁ ଝାରସୁଗୁଡାକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବା ପାଇଁ ସମସ୍ତେ ଆନ୍ତରିକତାର ସହ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ସାମୂହିକ ମତପୋଷଣ କରିଥିଲେ। ଏଥିପାଇଁ ଜନସାଧାରଣଙ୍କ ସହଭାଗିତା ଓ ସହଯୋଗିତା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ।

ସ୍ଥାନୀୟ ମନମୋହନ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲା ପ୍ରତିଷ୍ଠା ଦିବସ ସମାରୋହ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡ଼ା ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ରାହୁଲ ଜୈନ, ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଚିତ୍ରେଣୀ ପଟେଲ, ଲଇକେରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ ପଟେଲ, ଏମ୍‌ସିଏଲ୍ (ଲଖନପୁର କ୍ଷେତ୍ର) ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତାପସରାୟ ଚୌଧୁରୀ ଅଧକ୍ଷତା କରିବା ସହ ମଞ୍ଚ ସଞ୍ଚାଳନ କରିଥିଲେ।

ମୁଖ୍ୟଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ ଜିଲାର ଉନ୍ନତି ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେବା ସହ ସମସ୍ତଙ୍କ ସହଯୋଗରେ ଝାରସୁଗୁଡ଼ାକୁ ଦେଶର ଅଗ୍ରଣୀ ଜିଲାରେ ପରିଣତ କରିବା ଦିଗରେ ସହଯୋଗ କାମନା କରିଥିଲେ। ବରଗଡ଼ ଏମ୍‌ପି ପୂଜାରୀ ବିକାଶଧାରା ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ଆବଶ୍ୟକ ବୋଲି କହିଥିଲେ। ଜନପ୍ରତିନିଧିମାନେ ଲୋକଙ୍କ ବିଶ୍ୱାସ ଭାଜନ ହେବା ଆବଶ୍ୟକ। ଝାରସୁଗୁଡ଼ାକୁ ବିକାଶ ପଥରେ ଆଗେଇ ନେବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ଏମ୍‌ପି ପୂଜାରୀ କହିଥିଲେ। ୧୮୫୭ ସିପାହୀ ବିଦ୍ରୋହର ୨୮ ବର୍ଷ ପୂର୍ବରୁ ବରଗଡ଼ ଘେଁସ ଜମିଦାର ଓ ତାଙ୍କ ଆତ୍ମୀୟ ସ୍ୱଜନଙ୍କ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଏମ୍‌ପି ପୂଜାରୀ ଉଲ୍ଲେଖ କରିଥିଲେ। ଜିଲାପାଳ ସରୋଜ କୁମାର ସାମଲ ଓଡ଼ିଶାକୁ ସାମାଜିକ, ରାଜନୈତିକ, ସାଂସ୍କୃତିକ କ୍ଷେତ୍ରରେ ଝାରସୁଗୁଡାର ଅବଦାନ ସମ୍ପର୍କରେ ଉଲ୍ଲେଖ କରିବା ସହ ଓଡ଼ିଶାର ଅର୍ଥନୀତିକୁ ଅଭିବୃଦ୍ଧି କରିବା ଦିଗରେ ଝାରସୁଗୁଡ଼ାର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ଝାରସୁଗୁଡା ଆଗମନ ଓ ଶହୀଦ ବୀର ସୁରେନ୍ଦ୍ର ସାଏ, କରୁଣାକର ସିଂ, ଚିନ୍ତାମଣି ପୂଜାରୀ, ଗଣେଶ ରାମ ଉପାଧ୍ୟାୟ ଓ ବିହାରିରାମ ତନ୍ତୀଙ୍କ ସ୍ମୃତିଚାରଣ କରିଥିଲେ। ଏସ୍‌ପି ଜୈନ ତାଙ୍କ ବକ୍ତବ୍ୟରେ କହିଥିଲେ, ଝାରସୁଗୁଡା ଜିଲା ଏକ ଶିଳ୍ପ ସମୃଦ୍ଧ ଜିଲା ହୋଇଥିଲାବେଳେ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୋଲିସ ସଦାସର୍ବଦା ସଜାଗ ରହିଛି। ଏଥିପାଇଁ ପୋଲିସ ଜନସାଧାରଣଙ୍କ ସହଯୋଗ କାମନା କରୁଛି ବୋଲି ସେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମିଞ୍ଜ , ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ତିହରିଆ, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ପଟେଲ, ଲଇକେରା ପଞ୍ଚାୟତ ସମିତି ଅଧ୍ୟକ୍ଷ ନାୟକ ଓ ଏମ୍‌ସିଏଲ (ଲଖନପୁର କ୍ଷେତ୍ର) ମହାପ୍ରବନ୍ଧକ ଝା ପ୍ରମୁଖ ଜିଲା ଗଠନ ଓ ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଝାରସୁଗୁଡ଼ା ମିଶନ ଶକ୍ତି ଭବନ ଓ ଦଳଗାଁ ମିଶନ ଶକ୍ତି ଗୃହର ଫଳକ ଓ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ୍ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ଓ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ଜିଲା ପ୍ରତିଷ୍ଠା ଦିବସ ପ୍ରତିବର୍ଷ ୫ଦିନ ଧରି ଚାଲିଥାଏ। ହେଲେ ଚଳିତ ବର୍ଷ ଜାନୁୟାରୀ ୧୩ରୁ ଓଡ଼ିଶାରେ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ରବିବାର ଗୋଟିଏ ଦିନ ଏହି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପୁଣି ଆସନ୍ତା ୧୪ ଓ ୧୫ତାରିଖରେ ସରବାହାଲ ହାଇସ୍କୁଲ ଖେଳପଡିଆରେ ଏହା ଆୟୋଜନ କରାଯିବ ବୋଲି ଜିଲା ସଂସ୍କୃତି ବିଭାଗ ତରଫରୁ ସୂଚନା ଦିଆଯାଇଛି।

### ଯକ୍ଷ୍ମାରୋଗୀଙ୍କୁ ଅତିରିକ୍ତ ପୋଷଣ ବାସ୍କେଟ ପ୍ରଦାନ

ସୋନପୁର,୧।୧(ନି. ପ୍ର)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ରରେ ଯକ୍ଷ୍ମାରୋଗୀଙ୍କୁ ଅତିରିକ୍ତ ପୋଷଣ ବାସ୍କେଟ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଏହି ସଭାରେ ଅଧକ୍ଷତା କରି ଯକ୍ଷ୍ମାରୋଗୀଙ୍କ ପାଇଁ ସତନ୍ତ୍ର ପୋଷଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅତିରିକ୍ତ ଜିଲା ଜନସାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଡିପିଏମ ଏନ୍‌ଏଚ୍‌ଏମ ବିଶ୍ୱମ୍ଭର ବେହେରା, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ନିକ୍ଷୟ ମିତ୍ର ଭାବେ ସରକାରୀ ମାନପ୍ରାପ୍ତ ନାଟ ଅନୁଷ୍ଠାନର ସମାଜସେବା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଶ୍ରୀବତ୍ସ ମଲ୍ଲିକ, ମନୋଜ ଅଗ୍ରୱାଲ ଓ ମନୀଷ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ସହରାଞ୍ଚଳର ୧୦ ଯକ୍ଷ୍ମାରୋଗୀଙ୍କୁ ନାଟକ, ସାହିତ୍ୟ ଓ ସମାଜସେବା ପ୍ରତି ସମର୍ପିତ ଅନୁଷ୍ଠାନ ନାଟ ତରଫରୁ ଅତିରିକ୍ତ ପୋଷଣ ବାସ୍କେଟ ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଜିଲା କାର୍ଯ୍ୟକ୍ରମ ସଂଯୋଜକ ସମୀର କୁମାର ସାହୁ ସଂଯୋଜନା କରିଥିଲେ।

## ମର୍ନିଂୱାକ ସଙ୍ଗଠନ ପକ୍ଷରୁ ନବବର୍ଷ ପାଳିତ

ସୋନପୁର,୧।୧(ନି. ପ୍ର )

ସୁବର୍ଣ୍ଣପୁର ସ୍ମାର୍ଟ ପାର୍କଠାରେ ଇଂରାଜୀ ନବବର୍ଷ ରବିବାର ପାଳିତ ହୋଇଯାଇଛି। ଏସ୍‌ପି ଅମରେଶ କୁମାର ପଣ୍ଡା, ପୌରାଧକ୍ଷା ତାମସୀ ତାମସ୍ମୀତା ନାଏକ ଅତିଥିଭାବେ ଯୋଗଦେଇ ମର୍ନିଂୱାକ ବନ୍ଧୁଙ୍କ ଏକତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବାଇକ ଚଳାଇଲା ବେଳେ ହେଲମେଟ ପରିଧାନ କରିବାକୁ ଏସ୍‌ପି ପଣ୍ଡା ପରାମର୍ଶ ଦେଇଥିଲେ। ରକ୍ତଦାନ ପାଇଁ ଯୁବପିଢୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଦିଲ୍ଲୀପ ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ନିଜକୁ ଫିଟ ଆଣ୍ଡ ଫାଇନ ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ। ପାର୍କର ଯତ୍ନ ଓ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ପୌରାଧକ୍ଷା ମତପ୍ରକାଶ କରିଥିଲେ। ସହରର ଅଗ୍ରଣୀ ଅନୁଷ୍ଠାନ ସ୍ୱଚ୍ଛଭାରତ ସଙ୍ଗଠନର କର୍ମକର୍ତ୍ତା ଏହି ସମାବେଶରେ ସ୍ୱଚ୍ଛତା, ରକ୍ତଦାନ, ପରିବେଶ ସୁରକ୍ଷା, ସୁରକ୍ଷା ଓ ନିଶା ନିବାରଣ ଉପରେ ପ୍ଲାକାର୍ଡ ପ୍ରଦର୍ଶନ କରାଇ ସମାଜକୁ ସଚେତନତା ବାର୍ତ୍ତା ଦେଇଥିଲେ। ଅବକାରୀ ଅଧିକ୍ଷୀକା ସୁମତି ତ୍ରିପାଠୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ପରେ ଉପସ୍ଥିତ ଅତିଥି ମାନଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା ଜିଲା ସଦର ଡାକ୍ତରଖାନା, ମାତୃ ଓ ଶିଶୁ ସୱାସ୍ଥ୍ୟକେନ୍ଦ୍ର ଓ ସହରର ଶାନ୍ତି କୁଟିରରେ ଫଳ ବଣ୍ଟନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖାଉଟି ଓ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଭିମନ୍ୟୁ କୁଶଳ, ଶ୍ରୀବନ୍ତ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ଜନ୍ମେଜୟ ପାତ୍ର, ଶେଷଦେବ ମେହେର, ରାଜକିଶୋର ତ୍ରିପାଠୀ, ଗତିକୃଷ୍ଣ ମିଶ୍ର, ରମେଶ ଚନ୍ଦ୍ର ଜେନା, ସନ୍ତୋଷ ମେହେର ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବିଶିଷ୍ଟ ସାହାନାଇ ବାଦକ ଫକୀର ପ୍ରଧାନ ଏ ଅବସରରେ ସାହାନାଇ ବାଦନ କରି ସମସ୍ତଙ୍କୁ ଅଭିଭୂତ କରିଥିଲେ।


ଅତିଥିଙ୍କ ଗହଣରେ କର୍ମକର୍ତ୍ତା ।

### ବାଞ୍ଜିପାଲି କ୍ରିକେଟ୍: ସୁବ୍ରତ ସାଇନର ଚାମ୍ପିୟନ

ଜାମଟିକ୍ରା,୧।୧(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି କ୍ରିକେଟ ପଡ଼ିଆରେ ବାଞ୍ଜିପାଲି କ୍ରିକେଟ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ସୁବ୍ରତ ସାଇନର ଓ ସୁରୀୟା ଫାଇଟର ମଧ୍ୟରେ ହୋଇଥଲା। ସୁବ୍ରତ ସାଇନର ଟସ୍ ଜିଣି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସୁରିୟା ଫାଇଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୭୨ ରନ୍ କରିଥିଲେ। ଜବାବରେ ସୁବ୍ରତ ସାଇନର ମୋଟ ୧୭୭ ରନ ସଂଗ୍ରହ କରି ଜିତି ଚାମ୍ପିୟନ ହେଇଥିଲା। ସୁବ୍ରତ ଭୁଏ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଲୋକେଶ ବାଗ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଏହି ସିରିଜରେ ୪ଟି ଟିମ୍ ଭାଗ ନେଇଥିଲେ। ଫାଇନାଲରେ ହାସ୍ୟ ଅଭିନେତା ସୁବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଅଶୋକ ବୁଡେକ ଓ ବିରଞ୍ଚି ନାୟକ ଖେଳ ପରିଚାଳନା କରିଥିଲେ। ଏଥିରେ ନନ୍ଦିଘୋଷ ଭୁଏ, ସୂର୍ଯ୍ୟକାନ୍ତ ଭୁଏ, ପ୍ରତାପ ଭୋଇ, ସୁରଜ ଭୋଇ, କେଶବ ନାୟକ, ରମାକାନ୍ତ ବାଗ, ଘାସିରାମ ଭୋଇ, ସୁବ୍ରତ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

## କପିଳ ମୁନି ଆଶ୍ରମରେ ସଂକଳ୍ପ ଦିବସ ପାଳିତ


ସଂକଳ୍ପ ଦିବସରେ ଉପସ୍ଥିତ ସଭ୍ୟାସଭ୍ୟ ଏବଂ ଗ୍ରାମବାସୀ।

ପାଇକମାଲ,୧।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ ପକ୍ଷରୁ କପିଳ ମୁନି ଆଶ୍ରମ ସ୍ମୃତିପୀଠ ନୃସିଂହନାଥଠାରେ କେନ୍ଦ୍ରୀୟ ଆବାହକ ରବିନାରାୟଣ ସାହୁଙ୍କ ଆହ୍ୱାନ କ୍ରମେ ରବିବାର ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ପାଇକମାଲ ବ୍ଲକ ଆବାହକ ସଞ୍ଜୀବ ବରିହା, ଝାରବନ୍ଧ ଆବାହକ ଲୋକନାଥ ରାଉତ, ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଆବାହକ ଅଭିଳାଷ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ନିମନ୍ତେ ସ୍ଥାୟୀ ଆଇନ, ଗନ୍ଧମାର୍ଦ୍ଦନ ପର୍ବତକୁ ଜାତୀୟ ସମ୍ପତ୍ତି ଘୋଷଣା, ନୃସିଂହନାଥକୁ କେନ୍ଦ୍ରୀୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଥିଲା। ବୈଠକରେ ଉପଦେଷ୍ଟା ଗୁପତରାମ ବାରିକ, ଧବଳେଶ୍ୱର ସାହୁ, ଡାଇମନ ଭୁଏ, ରାଜକୁମାର ସେଠ, ଟେକେନ୍ଦ୍ର ଜାଲ, ଗିରିଶ ଡନସନା, ସୁଶିଲ ନାୟକ, ଭାସ୍କର ମହାନନ୍ଦ, ନୀଳମାଧବ ପାଣିଗ୍ରାହୀ, ସନ୍ତୋଷ ବେହେରା, ମୋହନ ଜଗତ, ଗୋବିନ୍ଦ ପଟେଲ, ନିର୍ମଳ ପଟେଲ, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।

## ବୀରତା ଦିବସରେ ଗଣଦୌଡ଼

ମଥୁରାନଗରୀ,୧।୧

ବରଗଡ଼ ସହର ଉପକଣ୍ଠ ବୀର ଛକରେ ଶନିବାର ବୀରତା ଦିବସ ପାଳିତ ହୋଇଛି। ଶହୀଦ ସ୍ମୃତି କମିଟି ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଡଃ ସୁଜିତ୍ ପୃଷ୍ଟେଠ ମୁଖ୍ୟବକ୍ତା ଏବଂ ପ୍ରମୋଦ ଝାଙ୍କର ଓ ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଗାନ୍ଧୀ ଛକରୁ ଏକ ଗଣଦୌଡ଼ ହୋଇଥିଲା। ଏସ୍‌ପି ସ୍ମିତ୍ ପି. ପରମାର୍, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ସେହିପରି ରାଜସ୍ଥାନର ପୋଖରାନଠାରେ ୨୦୦୮ ମାର୍ଚ୍ଚରେ ଶହୀଦ ହୋଇଥିବା ଭେଡ଼େନ କୁଦୋପାଲିର ଶହୀଦ ସଞ୍ଜୟ ବାଗଙ୍କ ପିତାଙ୍କୁ ଜିଲା ପ୍ରଶାସନ ତରଫରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟ ଅତୀତରେ ମୃତ୍ୟୁବରଣ କରିଥିବା ଶହୀଦ ମାଧୋ ସିଂଙ୍କ ଦାୟାଦ ସ୍ୱର୍ଗତ ମମତା ସିଂ ବରିହାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ବୀରତା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘେଁସ୍‌ରେ ମଧ୍ୟ ବୀରତା ଦିବସ ପାଳିତ ହୋଇଛି ।

## ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟ

### ୨୨ତମ ଆଞ୍ଚଳିକ ମହାନଦୀ ବାଲି ମହୋତ୍ସବ

ସୋନପୁର,୧।୧(ନି.ପ୍ର.)


ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ମହନ୍ତ ବଂଶୀଧର ଦାଶ ।

୨୨ତମ ଆଞ୍ଚଳିକ ମହାନଦୀ ବାଲି ଆଧ୍ୟାତ୍ମିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ବର୍ଷରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟରେ ହିକୁଡ଼ିସ୍ଥିତ ଆଇଟିଆଇ ଖେଳ ପଡିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ସାମୂହିକ ହନୁମାନ ଚାଳିଶା ପଠନ ପରେ ଓଡିଆ ରାମଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ମଧ୍ୟାହ୍ନ ସାଢେ ୧୨ଟାରୁ ଦେଢଟା ପର୍ଯ୍ୟନ୍ତ ପ୍ରବଚନ ଓ ପରେ ବିଶ୍ୱ କଲ୍ୟାଣ ସକାଶେ ମହାନଦୀ କୂଳରେ ଗଙ୍ଗା ଆରତୀ ହୋଇଥିଲା। ପୂଜାର କର୍ତ୍ତା ଥିଲେ ବ୍ୟୋମକେଶ ତ୍ରିପାଠୀ ଓ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ପଣ୍ଡିତ ସଞ୍ଜୟ ତ୍ରିପାଠୀ। ମଧୁସୂଦନ ଦାଶ ବ୍ୟାସଭାବେ ପୁରାଣ ଗାନ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆର୍ଶିର୍ବଚନ ପ୍ରଦାନ କରିଥିଲେ। ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଆଞ୍ଚଳିକ ମହାନଦୀ ବାଲି ଆଧ୍ୟାତ୍ମିକ ମହୋତ୍ସବ କମିଟି ହିକୁଡିର ପରିଚାଳନାରେ ଏହି ମହୋତ୍ସବ ସଫଳ ହୋଇଥିଲା। ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ଉପସ୍ଥିତି ରହି ହନୁମାନ ଚାଳିଶା ପାଠ କରିବା ସହିତ ପ୍ରବଚନ ଶୁଣିଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

**ଝାରସୁଗୁଡା ଅଫିସ/ ବେଲପାହାଡ, ୧।୧(ଡି.ଏନ.ଏ.):** ବିଳାସପୁର ରେଳ ଡିଭିଜନ ଅନ୍ତର୍ଗତ ଦିଲ୍ଲୀ-ହାୱଡା ରେଳଲାଇନର ବେଲପାହାଡ ନୂଆପଡା ନିକଟସ୍ଥ ମୁଖ୍ୟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ବ୍ରଜରାଜନଗର ରେଲୱେ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ନୂଆପଡା ନିବାସୀ ସତିନ୍ଦର ସିଂ (୬୧)। ରବିବାର ସକାରେ ନୂଆପଡା ନିକଟ ମୁଖ୍ୟ ରେଳ ଧାରଣା ଅପ୍ ଲାଇନରେ କ୍ଷତବିକ୍ଷତ ଅବସ୍ଥାରେ ସତିନ୍ଦରଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ରେଲୱେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଆର୍‌ପିଏଫ୍ ଏଏସ୍‌ଆଇ ରାବିକାନ୍ତ ସିଂହ, ଜିଆର୍‌ପି ଏଏସ୍‌ଆଇ ଏସ୍. ବି. ରାଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ବ୍ରଜରାଜନଗର ଜିଆର୍‌ପି ପୋଲିସ ଏକ ମାମଲା (ନଂ.୧।୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତ ସତିନ୍ଦର ଅଟୋ ଡ୍ରାଇଭର କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ପରିବାରରେ ସ୍ତ୍ରୀ ଓ ପୁଅ ଥିବା ଜଣାପଡିଛି।

### ନୂଆବର୍ଷରେ ଷ୍ଟିଲସିଟି ଚଳଚଞ୍ଚଳ

**ରାଉରକେଲା ଅଫିସ,୧।୧:** ବିଗତ ଦୁଇବର୍ଷ ଧରି କରୋନା ମହାମାରି ଯୋଗୁ ନୂତନ ବର୍ଷ ପାଳନ କରିବାରୁ ରାଉରକେଲା ସହରବାସୀ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ କରୋନା କଟକଣା ନ ଥିବାରୁ ଲୋକେ ନୂତନବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଏଥିପାଇଁ ସହରର ମନ୍ଦିର ଓ ଧର୍ମପୀଠ ଗୁଡ଼ିକରେ ଭିଡ ଦେଖିବାକୁ ମିଳିଥିଲା । ବେଦବ୍ୟାସ ପୀଠ, ହନୁମାନ ବାଟିକା, ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର ଆଦି ଧର୍ମପୀଠରେ ଲୋକେ ବିଶ୍ୱଶାନ୍ତି ନିମନ୍ତେ ପୂଜାର୍ଚ୍ଚନା କରିଥିଲେ। ରବିବାର ହୋଇଥିବାରୁ ସହରର ପାର୍କ ଓ ପିକ୍‌ନିକ୍ ସ୍ପଟରେ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀମଦ୍ ଗୀତା ସମିତି ପକ୍ଷରୁ ରେଲୱେ କଲୋନୀ ଅଞ୍ଚଳରେ ହୋମଯଜ୍ଞ ଆୟୋଜନ ହୋଇଥିଲା। ଅନ୍ୟପକ୍ଷେ ନୂତନ ବର୍ଷ ପାଳନ କରିବା ପାଇଁ ସହରର ବିଭିନ୍ନ ହୋଟେଲ ଓ କ୍ଲବଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

### ପଞ୍ଚାୟତସ୍ତରୀୟ ଖେଳ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୧।୧:** ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସିଂହିବାହାଲ ଖେଳ ପଡ଼ିଆରେ ରଘୁନାଥପାଲି ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବିଡିଓ ଅଶିନୀ କୁମାର ପଣ୍ଡା ମୁଖ୍ୟ ଅତିଥି, ସରପଞ୍ଚ ରଞ୍ଜନ ସରାଫ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନ୍ମେଜୟ ସାହୁ, ସମିତି ସଭ୍ୟ ବୃନ୍ଦାବନ ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଶାରୀରିକ ଶିକ୍ଷକ ଅବନୀ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଯଶୋବନ୍ତ ଭୋଇ, ଦେବଦତ୍ତ ଗିରି, ବଂଶୀଧର ପଶାୟତ ଓ ସୁରଥ ଭଇଁଷା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୪୭ଜଣ ପ୍ରତିଯୋଗୀ କବାଡି, ଖୋଖୋ ଓ ଫୁଟବଲ ଖେଳରେ ଅଂଶଗ୍ରହଣ କରିଥିଲେ। ମନୋନୀତ ଖେଳାଳିଗଣ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଅମିତ ସରାଫ, ସୁନୀଲ ସୁନାନୀ, ସୁମନ ନାଏକ, ଭଗବାନ ଦାସ, ରୂପାନନ୍ଦ ଅଟୀଙ୍କ ସମେତ ସ୍ୱେଚ୍ଛାସେବୀଗଣ ସହଯୋଗ କରିଥିଲେ।

### ଦେଶୀ ମଦ ସହ କାର ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୧।୧:** ଏକ କାର୍‌ରେ ଦେଶୀ ମଦ ଚାଲାଣ ବେଳେ ଅବକାରୀ ପୋଲିସ ରାଉରକେଲା ବେଦବ୍ୟାସ ଛକରେ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳ ପାଣି। ତାଙ୍କଠାରୁ ୬୩୬ ଲିଟର ଦେଶୀ ମଦ ଜବତ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ବେଦବ୍ୟାସ ଅଞ୍ଚଳର ମଙ୍ଗଳ ରବିବାର ଦିନ ସାଢ଼େ ୧୧ଟାରେ ଏକ କାର୍ (ନଂ.ଓଆର୧୪ଜେ/୬୧୭୨) ଯୋଗେ ୪ଟି ଅଖାରେ ଦେଶୀ ମଦ ଭର୍ତ୍ତି କରି ରାଉରକେଲା ଅଭିମୁଖେ ଯାଉଥିଲେ। ଖବର ପାଇ ଅବକାରୀ ପୋଲିସ ବେଦବ୍ୟାସ ଛକରେ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କଲାବେଳେ ମଦ ଜବତ ହୋଇଥିଲା।

# ସୁନ୍ଦରଗଡ଼ ଜିଲାର ୭୬ତମ ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ କରାଯାଉଛି।


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଐତିହ୍ୟର ପୁନରୁଦ୍ଧାର, ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

**ସୁନ୍ଦରଗଡ,୧।୧(ଡି.ଏନ.ଏ.)**

ସମୃଦ୍ଧ ଜନଜାତି ପରମ୍ପରା, ପ୍ରାଚୀନ ଐତିହ୍ୟର ଭୂଖଣ୍ଡ ସୁନ୍ଦରଗଡ଼ ଜିଲା। ଏହି ଐତିହ୍ୟ ସମ୍ପନ୍ନ ଭୂଖଣ୍ଡର ପ୍ରକୃତ ଇତିହାସର ପୁନରୋଦ୍ଧାର ଆବଶ୍ୟକତା ରହିଛି। ଦ୍ରୁତ ଶିଳ୍ପାୟନର ପ୍ରଭାବରେ ଅବଲୁପ୍ତ ଅଞ୍ଚଳର ପ୍ରଥା, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ସହ ପ୍ରତ୍ୟେକ ବର୍ଗଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚିବାର ଆବଶ୍ୟକତା ଉପରେ ସୁନ୍ଦରଗଡ ଜିଲାର ୭୬ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଆୟୋଜିତ ଆଲୋଚନା ଚକ୍ରରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନଠାରେ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁନ୍ଦରଗଡର ଐତିହ୍ୟ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭପତି ତଥା ବର୍ଷିଆନ ସାହିତ୍ୟକ ଗିରି ଦଣ୍ଡସେନା ଯୋଗ ଦେଇ ସୁନ୍ଦରଗଡର ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟିକା କୁସୁମ ଟେଟେ ଯୋଗ ଦେଇ ସୁନ୍ଦରଗଡ ଜିଲାର ଅଖଣ୍ଡତାକୁ ବଜାୟ ରଖି ଦଳମତ ନିର୍ବିଶେଷରେ ଏହାର ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଯୋଗଦେଇ ହକି ଖେଳକୁ ନେଇ ବିଶ୍ୱମାନଚିତ୍ରରେ ସୁନ୍ଦରଗଡ଼ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି ବୋଲି କହିଥିଲେ। ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପନଗରପାଳ ଲଲାଟେନ୍ଦୁ ପରିଡା ଜିଲାର ବିକାଶ ପାଇଁ ସମସ୍ତ ସହଭାଗୀତା କାମନା କରିଥିଲେ। ଆଲୋଚକ ଭାବେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ସୁନ୍ଦରଗଡର ସ୍ୱର୍ଣିମ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି ଇତିହାସର ପୁନରୋଦ୍ଧାର କରିବାର ଆବଶ୍ୟାକତା ରହିଛି ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ ଆଲୋଚକ ଭାବେ ଯୋଗଦେଇ ସୁନ୍ଦରଗଡ ଜିଲା ଓଡିଶାର ଶ୍ରେଷ୍ଠ ରାଜସ୍ୱ ଦାତା ଜିଲା ବୋଲି ବିବେଚନା ହେଉଥିବାବେଳେ ଯଦି ବିକାଶର ସୁଫଳ କୌଣସି ବର୍ଗଙ୍କ ପାଇଁ ବିନାଶର କାରଣ ହୁଏ ,ସେ ବିକାଶ ନିରର୍ଥକ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ, ନେତୃବର୍ଗ, ବୁଦ୍ଧିଜୀବୀମାନଙ୍କୁ ନେଇ ଜିଲାର ଏକ ନୂତନ ସମ୍ଭାବନା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଝାରସୁଗୁଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଚିରବ୍ରତ ଦତ୍ତ, ଜିଲା ଓକିଲ ସଂଘର ସଭାପତି କମଳ ସେନ, ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇଥିଲେ। ସଦର ଉପଜିଲାପାଳ ଦାଶରଥି ସରାବୁ, ତହସିଲଦାର କୁଳମଣି ରଣବିଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ଡାକ୍ତର ଅନନ୍ତ ଆଚାର୍ଯ୍ୟ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଦେବାଶିଷ କବି ସଭା ସଞ୍ଚାଳନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଧନ୍ୟବାଦ ପ୍ରଦାନ କରିଥିଲେ। ସକାଳେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିକାଶ ଭବନଠାରେ ପହଞ୍ଚିଥିଲା। ଜିଲାପାଳ ଡାକ୍ତର ଗାଭାଲି ପରାଗ ହର୍ଷଦ, ଏସ୍‌ପି ସାଗରିକା ନାଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲାପାଳ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ ମିଶ୍ର, ନଗରପାଳ ତନୟା ମିଶ୍ର ଏହି ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାଂସ୍କୃତିକ ସନ୍ଧ୍ୟା, ସମ୍ବର୍ଦ୍ଧନା ସମାରୋହ

**ସୁନ୍ଦରଗଡ଼,୧।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଦିବସ ପାଳନ ଅବସରରେ ରବିବାର ସନ୍ଧ୍ୟାରେ ଜିଲା ସଂସ୍କୃତି ଭବନରେ ପ୍ରଶାସନ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାନ୍ଧିବାଦୀ ତଥା ସ୍ୱାଧୀନତା ସଂଗ୍ରାମୀ ଛବିଳ ସେଠ, ଶିକ୍ଷାବିତ ଗୋକୁଳାନନ୍ଦ ନାଏକ, କ୍ରୀଡ଼ା ସଙ୍ଗଠକ ଆନନ୍ଦ ଚନ୍ଦ୍ର ନାଏକଙ୍କ ସହ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ପଦାରବିନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସୁନ୍ଦରଗଡ଼ ପ୍ରତିଷ୍ଠା ଦିବସ ଅବସରରେ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ସାହିତ୍ୟିକ ଗୋପ କୃଷ୍ଣ ନାୟକ, ଆଇନଜୀବୀ ଅଶୋକ ସ୍ୱାଇଁ, କଳାକାର ରୋଶନ ସାହୁ, ଉଦ୍ଧବ ଭିତ୍ରିଆ, ବିବେକ ନାୟକ, ମୁନିସ ରାଇଲା, ରଞ୍ଜୁ ଠାକୁର, ଏବଂ ବିଭିନ୍ନ ଅନୁଷ୍ଠାନ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପ୍ରିୟଙ୍କା ଜେନା ଓ ଫିରୋଜ ପଟେଲ ମଞ୍ଚ ସଂଯୋଜନା କରିଥିଲେ।

# ବିଜୁଳି କନ୍ୟାକୁ ଦର୍ପଣ ଶିଳାରେ ପ୍ରହାର

## ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ

**ଝାରସୁଗୁଡା ଅଫିସ୍,୧।୧**


କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

ଲଖନପୁର ବ୍ଲକ୍ ଅନ୍ତର୍ଗତ ମହାନଦୀ କୋଇଲା ଖଣିର କଳାହୀରା ନଗରୀରେ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ୨ଦିନ ହେଲା ଏହି ଶିଳ୍ପ ନଗରୀଙ୍କୁ କଂସ ମହାରାଜ ତାଙ୍କର ପାତ୍ରମନ୍ତ୍ରୀଙ୍କୁ ନେଇ ରାଜତ୍ୱ ଚଳାଇଛନ୍ତି। ଏବେ ମଥୁରାପୁର ଓ ଗୋପପୁର ଉତ୍ସବ ମୁଖର ହୋଇ ଉଠିଛି । ଏହି ପୌରାଣିକ କଥାବସ୍ତୁକୁ ନେଇ ଗୋପପୁର ଓ ମଥୁରାପୁରରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଚାଲିଛି। ଏଥିମଧ୍ୟରେ ନନ୍ଦ ଯଶୋଦା ଗୃହରେ ବିଜୁଳି କନ୍ୟା ଜନ୍ମ, ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁରରେ ପ୍ରବେଶ, ଯଶୋଦାଙ୍କ କୋଳରୁ ବିଜୁଳି କନ୍ୟାଙ୍କୁ ନେଇ ମଥୁରାରେ ପ୍ରବେଶ ଆଦି ଦୃଶ୍ୟାଭିନୟ ଅନୁଷ୍ଠିତ ହୋଇଛି। ଅନ୍ୟପକ୍ଷେ ମଥୁରାପୁରରେ ମହାରାଜ କଂସଙ୍କ ଦିଗ୍‌ବିଜୟ, ଷଡ଼ପୁତ୍ର ବିନାଶ, କୃଷ୍ଣଜନ୍ମ, ବସୁଦେବ କୃଷ୍ଣଙ୍କୁ ଧରି ଗୋପପୁର ଯାତ୍ରା, ନଗର ସୀମାନ୍ତରେ ବସୁଦେବ ଓ ଉଗ୍ରସେନଙ୍କ ଭେଟଘାଟ, ବିଜୁଳି କନ୍ୟାଙ୍କୁ ଆଣି ବସୁଦେବ ମଥୁରାରେ ପ୍ରବେଶ, ବିଜୁଳି କନ୍ୟାଙ୍କୁ ଦର୍ପଣ ଶିଳାରେ ପ୍ରହାର, ଦୈବବାଣୀ ଓ ପୁତନାକୁ ଗୋପପୁର ପ୍ରେରଣ ଆଦି ଦୃଶ୍ୟାଭିନୟ ହୋଇଥିଲା। ଏହି ଅବସରରେ କଂସ ମହାରାଜଙ୍କ ନିର୍ଦ୍ଦେଶ ପାଳନ କରି ବେଣୁଧର ସିଂହଙ୍କ ସଭାପତିତ୍ୱରେ କଂସ ଦରବାର ଆୟୋଜିତ ହୋଇଥିଲା। ଏଥିରେ କଂସ ମହାରାଜଙ୍କ ନିମନ୍ତ୍ରଣ ରକ୍ଷା କରି ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରବଳ ଶୀତ ସତ୍ତ୍ୱେ ରାତି ୧୧ଟା ପର୍ଯ୍ୟନ୍ତ ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ।

## ପ୍ରଦୀପ ପଣ୍ଡାଙ୍କ ଶହୀଦ ଦିବସ

**ରାଜଗାଙ୍ଗପୁର,୧।୧(ଡି.ଏନ.ଏ.)**

ରାଜଗାଙ୍ଗପୁର ଲିପଲୋଇ ନିବାସୀ ପ୍ରଦୀପ ପଣ୍ଡା ୨୦୧୮ ଡିସେମ୍ବର ୩୧ରେ କଶ୍ମୀରଠାରେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ମାଓବାଦୀଙ୍କ ଗୁଳିରେ ଆଜିର ଦିନରେ ଶହୀଦ ହୋଇଥିଲେ। ଏହି ଦିବସକୁ ରାଜଗାଙ୍ଗପୁର ସାଇ ତ୍ରିରଙ୍ଗା ଏକାଡ଼େମୀ ପକ୍ଷରୁ ୫ବର୍ଷ ଧରି ଶହୀଦ ଦିବସ ଭାବେ ପାଳିତ ହୋଇଆସୁଛି। ରାଜଗାଙ୍ଗପୁର ସହରର ରାଷ୍ଟ୍ରୀୟ ବିଦ୍ୟାଳୟରେ ନିର୍ମିତ ହୋଇଥିବା ଶହୀଦ ପ୍ରଦୀପ ପଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ସାଇ ତ୍ରିରଙ୍ଗା ଏକାଡେମୀ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ ସିଆରପିଏଫ୍ ସମ୍ବଲପୁର ସିରାଜୁଲ ଆଲମ,ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ବିଭସ ପ୍ରଧାନ, ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦ, ବିଧାୟକ ପ୍ରତିନିଧି ଅରୁଣ ସାମଲ, ସାଂସଦ ପ୍ରତିନିଧି ମଧୁସ୍ମିତା ରାଉତ, ସାଇ ତ୍ରିରଙ୍ଗା ଏକାଡେମୀ ନିର୍ଦ୍ଦେଶକ ବିଷ୍ଣୁପ୍ରିୟା ସେନାପତି, ଜ୍ଞାନରଞ୍ଜନ ସେନାପତି ଯୋଗଦେଇଥିଲେ। ସହିଦଙ୍କ ସ୍ତ୍ରୀ ମିନତିଙ୍କୁ ସମ୍ମାନିତ କରାଯାଇଥିଲା।

## ବୃଦ୍ଧାଶ୍ରମ ଅନ୍ତେବାସୀ ପାଳିଲେ ନୂଆବର୍ଷ


ବୃଦ୍ଧାଶ୍ରମରେ ଅନ୍ତେବାସୀମାନେ କେକ୍ କାଟୁଛନ୍ତି।

**ଝାରସୁଗୁଡା ଅଫିସ, ୧।୧**

ଝାରସୁଗୁଡା ଜିଲା ଲଖନପୁର ବ୍ଲକର ଗୋବିନ୍ଦପୁର ସ୍ଥିତ ବୃଦ୍ଧାଶ୍ରମ ଭରସା କେନ୍ଦ୍ରରେ ଅନ୍ତେବାସୀମାନେ ରବିବାର ଧୁମ୍‌ଧାମ୍‌ରେ ନବବର୍ଷ ପାଳନ କରିଛନ୍ତି। ଏହି ଅବସରରେ ଅନ୍ତେବାସୀମାନେ ସାମୂହିକ ଭାବେ କେକ୍ କାଟିବା ସହ ନାଚଗୀତ କରି ମଜା ଉଠାଇଥିଲେ। ଏହି ନବବର୍ଷ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ସେମାନେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କେନ୍ଦ୍ର ତରଫରୁ ସମସ୍ତ ଅନ୍ତେବାସୀଙ୍କ ପାଇଁ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ପିପୁଲ୍ସ ଫୋରମର ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୃଦ୍ଧାଶ୍ରମର ମୁଖ୍ୟ ପରିଚାଳକ ଗଣେଶ ଚନ୍ଦ୍ର ବଳିୟାରସିଂହ ଓ କେନ୍ଦ୍ରର ସମସ୍ତ କର୍ମୀ ସହଯୋଗ କରିଥିଲେ। କଦମଡିହି ଗ୍ରାମପଞ୍ଚାୟତର ସମିତିସଭ୍ୟ ପବିତ୍ର ବିଶ୍ୱାଳ, ବଜରଙ୍ଗଦଳର ମୁଖ୍ୟ ରଞ୍ଜିତ ପ୍ରଧାନ, ପ୍ରମୋଦ ବିଶ୍ୱାଳ ଓ ସୁନିଲ ପ୍ରମୁଖ ଜନପ୍ରତିନିଧି ଓ ସାମାଜିକ କର୍ମୀ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ।

## ଶାଶୁଙ୍କୁ ଠେଙ୍ଗାରେ ପିଟି ହତ୍ୟା

**ବଡ଼ଗାଁ, ୧।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁସ୍ତୁନା ନିକଟ ବାଗବୁଡ ଗ୍ରାମର ଜଣେ ମହିଳା ତାଙ୍କ ଶାଶୁଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଶନିବାର ସକାଳେ ଯଶୋବନ୍ତି ପ୍ରଧାନ (୪୨) ଓ ତାଙ୍କ ଶାଶୁ ବିଳାସ ପ୍ରଧାନ (୬୨)ଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଯଶୋବନ୍ତି ଠେଙ୍ଗାରେ ବିଳାସଙ୍କ ମୁଣ୍ଡରେ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବଡ଼ଗାଁ ଥାନା ସବଇନ୍ସପେକ୍ଟର ବିଜୟ କୁମାର ଦାସ କୌଣସି ସୂତ୍ରରୁ ସୂଚନା ପାଇ ମୃତଦେହ ଜବତ କରିବା ସହିତ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଥିଲେ। ମହିଳା ଜଣଙ୍କ ଶାଶୁଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

## ବସ୍ତି ସୁରକ୍ଷା ସେବା ସମିତି ପକ୍ଷରୁ ଶୀତବସ୍ତ୍ର ବିତରଣ

**ରାଉରକେଲା ଅଫିସ,୧।୧**

ରାଉରକେଲା ବସ୍ତି ସୁରକ୍ଷା ସେବା ସମିତି ପକ୍ଷରୁ ନବବର୍ଷର ପ୍ରଥମ ଦିବସରେ ରାଉରକେଲା-୩୧ ନମ୍ବର ୱାର୍ଡର ଝରିଆବାହାଲଠାରେ ଶୀତବସ୍ତ୍ର ବିତରଣ ଉତ୍ସବ ସଭାପତି ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୭୦ ଜଣ ବରିଷ୍ଠ ନାଗରିକମାନଙ୍କୁ ଶୀତବସ୍ତ୍ର ବିତରଣ କରାଯାଇଥିଲା। ଏଥିରେ ଭାସ୍କର ଖ୍ୱାଲାର, ସାରଦା ପ୍ରସନ୍ନ ଦାସ, ସୁଧୀର ନାଥ, ଦିଲ୍ଲୀପ ଜେନା ଓ ତୁଷାର ଧଳ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକ ଓ ସାଧାରଣ ଲୋକଙ୍କୁ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟ ସାରଦା ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ବାଳିକା ହକି ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧନା

**କୁତ୍ରା, ୧।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟରେ ଶନିବାର ୧୬ବର୍ଷ ଓଡ଼ିଶା ବାଳିକା ହକି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମାଲେସିଆରେ ଗତ ନଭେମ୍ବର ୨୬ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୬ବର୍ଷ ବାଳିକା ହକି ମିରନ ୱାନ କପରେ ଓଡିଶା ଦଳ ଭାଗ ନେଇ ୫-୦ ଗୋଲରେ ବିଜୟ ହୋଇଥିଲେ। ଏଥିରେ କୁତ୍ରା ବ୍ଲକର ୫ ଜଣ ଖେଳାଳି ଖେଳିଥିଲେ ଏବଂ ପୁଣିଥରେ ସୁନ୍ଦରଗଡ ପାଇଁ ଗୌରବ ଆଣି ଦେଇଛନ୍ତି। ଓଡ଼ିଶା ଦଳ ସମୁଦାୟ ୫ଟି ମ୍ୟାଚ ଖେଳିଥିବାବେଳେ ଫାଇନାଲ ଖେଳ ଏସଏସଟିଏମଆଇ ସହିତ ଓଡିଶା ଦଳର ଖେଳ ହୋଇଥିଲା। ଏଥିରେ ୫-୦ ଗୋଲରେ ଓଡିଶା ବିଜୟ ଲାଭ କରି ରାଜ୍ୟ ନା ରଖିଛନ୍ତି। ଏଥି ପାଇଁ ଏହି ୫ଜଣ ଖେଳାଳିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ବିଡ଼ିଓ ରବିନ୍ଦ୍ର ସେଠି, ଜିପିଓ ନଗେନ୍ଦ୍ର ଦାସଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।


ବାଳିକା ହକି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ

**ଦେବଗଡ଼, ୧।୧(ଡି.ଏନ୍.ଏ.)**

ଦେବଗଡ଼ ନୂତନ ଜିଲା ଭାବେ ୧୯୯୪ ମସିହା ଜାନୁଆରୀ ମାସ ୧ ତାରିଖରେ ମାନ୍ୟତା ପାଇଥିଲା। ଏନେଇ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ସମଗ୍ର ଦେବଗଡ଼ ଜିଲା ବିକାଶ ମଞ୍ଚ ପକ୍ଷରୁ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଞ୍ଚର ଆବାହକ ସୁଧୀର ବ୍ରହ୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଓଡିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଦେବଗଡ଼ ଜିଲା ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦେବଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜା ପ୍ରଦୀପ୍ତ ଗଙ୍ଗଦେବଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ ପୌରପରିଷଦର ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ଉପନଗରପାଳ ପ୍ରଜିତ ଭୋଜ, ବରିଷ୍ଠ ନାଗରିକ ସୁଧୀର କପରଦାର, ଆଇନଜୀବି ମନୋଜ ପାଢୀ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ସର୍ବାଧିକ ରକ୍ତଦାନ କରିଥିବା ପୌରାଞ୍ଚଳର ହିମାଂଶୁ ଶେଖର ବିଶ୍ୱାଳ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ୍ବୁଲାନ୍ସ ଡ୍ରାଇଭର ଅଜିତ ସାହୁ, ମାଗଣାରେ ଶବଦାହ ପାଇଁ କାଠ ପ୍ରଦାନ କରୁଥିବା ଦେବଗଡ ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜନ୍ମେଜୟ ନାୟକ ପରିଚାଳନା କରିଥିଲେ। ସକାଳେ ମଞ୍ଚ ପକ୍ଷରୁ ମୁଖ୍ୟ ବଜାରଠାରେସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ରାଜବାଟୀ ପରିସରରେ ଥିବା ରାଜା ସାର ବାସୁଦେବ ସୁଢଳ ଦେବ, ପ୍ରଧାନପାଟ ଶିଶୁ ଉଦ୍ୟାନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁମୁଦ ଶତପଥିଙ୍କ ସମେତ ମଞ୍ଚର ସଦସ୍ୟମାନେ ସହଯୋଗ କରିଥିଲେ। କିନ୍ତୁ ପରିତାପର ବିଷୟ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କୌଣସି କାର୍ଯ୍ୟକମ ନ କରିବାରୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି।


ଉପନଗରପାଳ ପ୍ରଜିତ ଭୋଜଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଉଛି।

## ରାଇସ୍ ମିଲ ସମ୍ମୁଖରୁ ୫୬ବସ୍ତା ଧାନ ଚୋରି

ଡୁଙ୍ଗୁରିପାଲି,(ଡି.ଏନ.ଏ.): ଡୁଙ୍ଗୁରିପାଲି ବ୍ଲକ ବୈଦ୍ୟପାଲି ପାଖରେ ଥିବା ଉମାଶଙ୍କର ରାଇସ୍ ମିଲ୍ ସମ୍ମୁଖରେ ଏକ ଧାନ ବୋଝେଇ ଟ୍ରାକ୍ଟରରୁ ୫୬ ପ୍ୟାକେଟ ଧାନ ଚୋରି ହୋଇଥିବା ଚାଷୀ ପୁଟାଦୁର୍ଗା ଥାନାରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ଆନ୍ଧ୍ରଡେରାରେ ରହୁଥିବା ଚାଷୀ ପୁଟାଦୁର୍ଗା ରାଓ ସିଆଲବାହାଲିରେ ଥିବା ନିଜ ଜମିର ଉତ୍ପାଦିତ ଧାନ ୧୫୨ ପ୍ୟାକେଟ ଉମାଶଙ୍କର ରାଇସ୍ ମିଲକୁ ଟ୍ରାକ୍ଟର ଯୋଗ ଆଣିଥିଲେ। ଭିଡ଼ ଯୋଗୁ ମିଲ ସମ୍ମୁଖରେ ରଖି ରାତି ୮.୩୦ରେ ଘରକୁ ଖାଇବାକୁ ଆସିଥିଲେ। ଖାଇସାରି ଯାଇ ଦେଖିଲାବେଳକୁ ତନ୍ମଧ୍ୟରୁ ୫୬ପ୍ୟାକେଟ ଧାନ ଚୋରି ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ। ଡୁଙ୍ଗୁରିପାଲି ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ

ବାଉଁଶୁଣୀ,୧୧(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଗୋଛାପଡା ପଞ୍ଚାୟତ ଅନ୍ତର୍ଗତ ମଙ୍ଗଲାମୁଣ୍ଡା ଗ୍ରାମରେ ଶନିବାର ସନ୍ଧ୍ୟା ସାଢ଼େ ୭ଟା ସମୟରେ ସମାରୁ ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସେହି ଗାଁର ଜଣେ ବ୍ୟକ୍ତି ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି । ବାଉଁଶୁଣୀ ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି ।

### ଯୁଗେନପଦରରୁ ନୂଆପଡ଼ା ୧୦୦ କିମି. ମାରାଥନ

ନୂଆପଡା ଅଫିସ,୧୧: ଶନିବାର ହକି ବିଶ୍ୱକପ ପାଇଁ ନୂଆପଡା ଜିଲା ସଦର ମହକୁମାରେ ମିନି ମାରାଥନର ଆୟୋଜନ କରାଯାଇଥିବା ବେଳେ ରବିବାର ହକି ଇଣ୍ଡିଆ ଓ ବିଶ୍ୱକପ ହକିକୁ ପ୍ରୋତ୍ସାହିତ କରିବା ତଥା ହକିକୁ ଜନମାନସ ନିକଟରେ ପହଞ୍ଚାଇବା ପାଇଁ ନୂଆପଡା ଜିଲାରେ ପ୍ରଥମ ଥର ଶହେ କିଲୋମିଟର ମାରାଥନ ଦୌଡର ଆୟୋଜନ କରା ଯାଇଥିଲା । ଜିଲାପାଳ ହେମକାନ୍ତ ସାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶହେ କିଲୋମିଟର ମାରାଥନ ନୂଆପଡା ଜିଲା ସିନାପାଲି ବ୍ଲକ କଳାହାଣ୍ଡି ସୀମା ଯୁଗେନପଦର ଗାଁ ରେ ଜଗନ୍ନାଥଙ୍କ ମନ୍ଦିରରୁ ସକାଳ ଠିକ ୫ ଟାରେ ପୂଜା ଅର୍ଚ୍ଚନା କରି ଜଗନ୍ନାଥଙ୍କ ପିଠରୁ ମଶାଲ ଝଣ୍ଡା ଧରି ବାହାରି ଥିଲା। ଏହି ମାରାଥନ ସମ୍ପୂର୍ଣ୍ଣ ଭାବରେ ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ଫୋର ୱେ ଦେଇ ଗତି କରିଥିଲା। ପ୍ରତି ଏକ କିଲୋମିଟର ବ୍ୟବଧାନରେ ଜଣେ ଜଣେ କ୍ରୀଡାବିତଙ୍କୁ ଝଣ୍ଡା ହସ୍ତାନ୍ତର କରାଯାଇଥିଲା। ଏପରି ମୋଟ ଶହେ ଜଣ କ୍ରୀଡାବିତ ସାମିଲ ହୋଇଥିବା ବେଳେ ଜିଲାର ସବୁବର୍ଗର ଲୋକେ ସାମିଲ ହୋଇଥିଲେ। ଏହି ମାରାଥନ ସିନାପାଲି ବ୍ଲକରୁ ବାହାରି ବିଜୁ ଏକ୍ସପ୍ରେସ ୱେରେ ବୋଡେନ ବ୍ଲକ ଦେଇ କୋମନା ବ୍ଲକରେ ପ୍ରବେଶ କରି ଘଟିପଡାଠାରେ ଜାତୀୟ ରାଜପଥ ୩୫୩କୁ ଛୁଇଁଥିଲା । ଏଥିପାଇଁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସିଆରପିଏଫ ୨୧୬ ବାଟାଲିୟନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସମ୍ପୂର୍ଣ୍ଣ ବିଜୁ ଏକ୍ସପ୍ରେସ ୱେରେ ସୁରକ୍ଷାର ଦାୟିତ୍ୱ ଜିଲା ଡିଭିଏଫ ଅଧିକାରୀ ଦେବାଶକ୍ଷ ରାଉତଙ୍କ ନେତୃତ୍ୱରେ ଏସଓଜି ଯବାନଙ୍କ କାନ୍ଧରେ ନ୍ୟସ୍ତ କରା ଯାଇଥିଲା। ସିଆରପିଏଫ,ଡିଭିଏଫ,ଏସଓଜି ଯବାନମାନେ ନୂଆପଡା ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ଜିଲାପାଳ ହେମକାନ୍ତ ସାଏ,ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ସିଆରପିଏଫ ୨୧୬ ବାଟାଲିୟାନ ସେକେଣ୍ଡଇନ କମାଣ୍ଡ ଆରସି ମିଶ୍ର, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭ, ଜିଲା ସ୍ୱଳ୍ପ ସଂଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଦର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମାରାଥନକୁ ସ୍ୱାଗତ ଜଣାଇବା ସହ ଦୌଡରେ ସାମିଲ ହୋଇ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆସିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ବିଭୂଦତ୍ତ ମିଶ୍ର ସଞ୍ଚାଳନ କରିଥିଲେ ।

# ଲୋକକଳାକୁ ବଞ୍ଚାଇ ରଖିଛି ପଏଁରୀ

ସୋନପୁର,୧୧(ନି.ପ୍ର.)


ଭକ୍ତ ସେଠୀଙ୍କୁ ପଏଁରୀ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଉଛି ।

### ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

ସୁବର୍ଣ୍ଣପୁର ଜିଲାର ଲୋକକଳା ଗବେଷଣା କେନ୍ଦ୍ର ତଥା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ନବବର୍ଷ ଅବସରରେ ପଏଁରୀ ତିହାର-୨୩ ଭୀମ ଭୋଇ କଳା ମଣ୍ଡପରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ତିନି ଦିନ ଧରି ଚାଲିବ। ପୂର୍ବାହ୍ନରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା, ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ସାଂସ୍କୃତିକ ଦଳକୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ବିଶିଷ୍ଟ ଦଣ୍ଡ କଳାକାର ଦଣ୍ଡ ରତ୍ନ ବିପିନ ଜାଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜାଲ କହିଥିଲେ ଏ ମାଟିର କଳା ସଂସ୍କୃତି ମହାନ। ଏହାକୁ ବଞ୍ଚାଇ ରଖିବା ପାଇଁ ସାମୂହିକ ଉଦ୍ୟମ ହେବା ଆବଶ୍ୟକ। ପଏଁରୀ ସଭାପତି ଲଡୁକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନାଟ୍ୟଶ୍ରୀ ଗଦାଧର ବାରିକ୍, ଅଭିମନ୍ୟୁ କୁଶଳ ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଅତିଥିଭାବେ ଯୋଗଦେଇଥିଲେ। ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଏହି ଜିଲାରେ ପଏଁରୀ ଯୋଗୁଁ ପାରମ୍ପରିକ ଲୁପ୍ତପ୍ରାୟ ଲୋକକଳା ବଞ୍ଚି ରହିଛି ବୋଲି ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ସମ୍ପାଦକ ଚୌଧୁରୀ ବିଭାର ସ୍ୱାଗତ ଭାଷଣ ପ୍ରଦାନ ସହ ସଭାରେ ସଂଯୋଜନା କରିଥିଲେ। ମଧ୍ୟାହ୍ନରେ ମା' ସୁରେଶ୍ୱରୀ ଦଣ୍ଡ ନୃତ୍ୟ ଏକାଡେମୀ ଓ ପାରମ୍ପରିକ ଦଳ ପକ୍ଷରୁ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଶତୃଘ୍ନ ଲୁହା, ଲିପିକା ବିଭାର, ବ୍ରହ୍ମା କୁମ୍ଭାର, ବୀରେନ ଜଗଦଲା, ମୁସ୍କାନ ମଲ୍ଲିକ, ହରି ଓଁ କୁଶଳ ଓ ଚେତନା ବେହେରା ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲାରେ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବାରେ ପଏଁରୀ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ନାୟକ କହିଥିଲେ। ଗତ ୨୩ ବର୍ଷ ଧରି ନବବର୍ଷ ଅବସରରେ ଜାତୀୟସ୍ତରର ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ଆୟୋଜନକୁ ଶ୍ରୀମତୀ ନାୟକ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ନୀଳାମ୍ବର ଶତପଥୀ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦଣ୍ଡନୃତ୍ୟର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଦଣ୍ଡ କଳାକାର ଭକ୍ତ ସେଠୀଙ୍କୁ ପଏଁରୀ ସଙ୍ଗୀତ ସମ୍ମାନରେ ସମ୍ମାନିତ କରା ଯାଇଥିଲା। ସଭା ପରେ କୋରାପୁଟର ମାଉଲି ମା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଢଙ୍ଗର ନୃତ୍ୟ, ହରିଆନାର କଳାକାରମାନେ ଘୁମର ନୃତ୍ୟ, ପଞ୍ଜାବ କଳାକାରଙ୍କ ଧାଙ୍ଗଡା ନୃତ୍ୟ ଓ ପଶ୍ଚିମବଙ୍ଗର କଳାକାର ମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପୂର୍ବାଞ୍ଚଳ ଜୋନ ସାଂସ୍କୃତିକ କେନ୍ଦ୍ର କଲିକତା, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଏହି ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ଆୟୋଜନ ହେଉଛି। ଅନୁଷ୍ଠାନର ସଦସ୍ୟ ପ୍ରଫୁଲ୍ଲ ନାଏକ, ସନ୍ତୋଷ ପାଢ଼ୀ, ସନ୍ତୋଷ ମିଶ୍ର, ଅମିତ ସାହୁ, ଗୋପାଳ ମେହେର, ସୁଶାନ୍ତ ସାହୁ, ପୃଥ୍ୱୀରାଜ ବାଗ ଓ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ବୁଢ଼ାରଜା ହାଇସ୍କୁଲର କର୍ମଚାରୀଙ୍କ ଅକାଳ ବିୟୋଗ

କୋକସରା,୧୧(ଡି.ଏନ.ଏ)

କୋକସରା ବ୍ଲକ ଆମପାଣି ବୁଢାରଜା ଉଚ୍ଚ ବିଦ୍ୟାଳୟର ରାତ୍ର ଜଗୁଆଳି ବଇଚନ ମାଝୀ (୫୬)ଙ୍କ କଟକ ମେଡିକାଲରେ ଶନିବାର ରାତିରେ ଦେହାନ୍ତ ହୋଇ ଯାଇଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ମେଳାପି ବ୍ୟକ୍ତି ରହିଥିଲେ। ସେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟ ଯୋଗଦାନ କରି କାର୍ଯ୍ୟ କରୁଥିଲେ। ଆମପାଣି ପଞ୍ଚାୟତ ଡୁମେରବାହାଲ ତାଙ୍କ ନିଜ ଗାଁ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ, ସ୍ତ୍ରୀ ଓ ମା ରହିଛନ୍ତି। ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅକାଳ ବିୟୋଗରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ବୁଢ଼ାରଜା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଅକାଳ ବିୟୋଗକୁ ନେଇ ଆମପାଣି ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

### ସେବା, ତ୍ୟାଗ ମଣିଷକୁ ଶ୍ରେଷ୍ଠ କରେ

#### କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ ପାଳିତ

କୋକସରା,୧୧(ଡି.ଏନ.ଏ)

କାଳୀକୃଷ୍ଣ ସଂଘ ପ୍ରତିବର୍ଷ ଜାନୁଆରୀ ୧ତାରିଖକୁ ସଂକଳ୍ପ ଦିବସ ଭାବେ ପାଳନ କରିଥାଏ। ଚଳିତ ବର୍ଷ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସଦର ମହକୁମା ଠାରେ ସଂକଳ୍ପ ଦିବସ-୨୦୨୩ ପାଳିତ ହୋଇଯାଇଛି। କାଳୀକୃଷ୍ଣ ସଂଘ ପରିଚାଳକ ଜଗଦାନନ୍ଦଜୀ କହିଥିଲେ ସଂକଳ୍ପ ଦିବସରେ ଯେ କୌଣସି ଏକ ବିଷୟକୁ ସଫଳ କରିବା ପାଇଁ ସଂକଳ୍ପ ନିଅନ୍ତୁ। ସେହି କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହ କରନ୍ତୁ। ଆପଣ ସଫଳତା ପାଇବେ। ଆଉ ଜଣେ ଭଲ ମଣିଷ ହେବା ପାଇଁ ସେବା ଓ ତ୍ୟାଗ ଶ୍ରେଷ୍ଠ ହେବା ଦରକାର। ସଂଘର ବେଦବ୍ରହ୍ମା ଶ୍ରୀ ସରୋଜାନନ୍ଦଜୀ କାଳୀକୃଷ୍ଣ ସଂଘର ବାର୍ଷିକ ଉତ୍ସବ ତଥା ଶ୍ରୀଶ୍ରୀ ମହାବିଷ୍ଣୁ ଯଜ୍ଞ ଆଗାମୀ ମାର୍ଚ୍ଚ ମାସର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣା ଶାଖାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ସଂଘର ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା, ଶାଖାସଂଘ ଶିଷ୍ୟଶିଷ୍ୟାଙ୍କ ଉପସ୍ଥିତିରେ କାଳୀକୃଷ୍ଣ ସଂଘର ସଭାପତି ଭାବେ ସଞ୍ଜୟ କୁମାର ପଣ୍ଡାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଳୀକୃଷ୍ଣ ସଂଘର ପରିଚାଳନା କମିଟି ସଦସ୍ୟ, ଆଚାର୍ଯ୍ୟ, ଅତିରିକ୍ତ ସଭ୍ୟ, ଉପକମିଟି, ସକ୍ରିୟ ସଭ୍ୟ, ପ୍ରଜ୍ଞା ବାହିନୀ, କାଳୀକୃଷ୍ଣ ବାହିନୀ, ମିଡିଆସେଲ କାର୍ଯ୍ୟକର୍ତ୍ତା, ଶିଷ୍ୟଶିଷ୍ୟା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପ୍ରିୟାନନ୍ଦ ଓ ଲକ୍ଷ୍ମୀ ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ତନୁକ ନାଗ ଓ ନବୀନ ରାଉତ ଭଜନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗମ୍ଭାରୀଗୁଡା ଶାଖାର ରାଜେଶ ପଟେଲ, ଦିଗଶନ ଲହଜଲ, ନିତ୍ୟାନନ୍ଦ ନାଏକ, ଯୋଗେନ୍ଦ୍ର ପଟେଲ, ପଦ୍ମ ପଟେଲ, ଫକିର ଗୋପାଳ, ଚିନ୍ତାମଣି ପଟେଲ, ଧନୁର୍ଯ୍ୟ ହଂସ, ଧନେଶ୍ୱର ଶବର, ମୋହନ ହଂସ, ସୁବାସ ହଂସ ସହଯୋଗ କରିଥିଲେ।

## ସମାଜ ଗଠନରେ ସାହିତ୍ୟର ଭୂମିକା ଅନନ୍ୟ



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ,୧୧(ସ୍ୱ.ପ୍ର.)

### ଜିଲା କଲଚରାଲ ଏକାଡେମୀର ବାର୍ଷିକୋତ୍ସବ

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ୨୭ତମ ବାର୍ଷିକ ଉତ୍ସବ ଶନିବାର ଦିନ ବନ୍ୟା ଆଶ୍ରୟସ୍ଥଳଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏକାଡେମୀର ସଭାପତି ନାଟ୍ୟକାର ହରିହର ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜେଏମବିବି ବିଜ୍ଞାନ ମହାବିଦ୍ୟାଳୟ ଭୁବନେଶ୍ୱରର ଓଡିଆ ବିଭାଗ ମୁଖ୍ୟ ଡ. ବୈରେଗୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ଉଦାହରଣ ଦେଇ ସଷ୍ଟ୍ରା ଉଦାର ଓ ସୃଷ୍ଟି କଠୋର ବୋଲି ମତବ୍ୟକ୍ତ କରିଥିଲେ। ମହିଳା ମହାବିଦ୍ୟାଳୟ ସୋନପୁରର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଗଠନରେ ସାହିତ୍ୟର ଭୂମିକା ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ସୁଧୀର କୁମାର କର୍ଣ୍ଣ, ଶିକ୍ଷକ ହରିହର ମେହେର ଯୋଗ ଦେଇଥିଲେ । ଅନୁଷ୍ଠାନର ଉପସଭାପତି ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ବିବେକା ନନ୍ଦ ସାହିତ୍ୟ ପୁରସ୍କାର ରାଜୀବ କର୍ମୀ, ବୌଦ୍ଧ ପ୍ରଫୁଲ ମହାକୁଡ ସାହିତ୍ୟ ପୁରସ୍କାର କେ.ବିପ୍ଲବ (ବାଙ୍କୀ), ଭୀକାରି ନାଏକ କଳା ଓ ସଙ୍ଗୀତ ପୁରସ୍କାର ସୁବାଷ ବିଶି (ରାମଗଡ), ବେଣୁଧର ମିଶ୍ର ସାହିତ୍ୟ ପୁରସ୍କାର ପ୍ରଶାନ୍ତ ମହାନ୍ତି (ଭଞ୍ଜନଗର),ଶିଶୁ ସାହିତ୍ୟିକ ପୁରସ୍କାର ଡ. ପର୍ଶୁରାମ ପଣ୍ଡା( ଭୁବନେଶ୍ୱର), ଭକ୍ତି ସାହିତ୍ୟ ପୁରସ୍କାର ସୂର୍ଯ୍ୟକାନ୍ତି ବାରିକ (ବୌଦ୍ଧ), ଅଭିଷେକ ପ୍ରଧାନ ଯୁବ ପୁରସ୍କାର ଅବକାଶ ପ୍ରଧାନ (ମନମୁଣ୍ଡା)ଙ୍କୁ ପ୍ରଦାନ କରାଯାଇଥିଲା । ଏ.ମହାନ୍ତି ଓ ସ୍ୱାଗତିକା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏକାଡେମୀର ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟଙ୍କଧର ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି କିଶୋର ମିଶ୍ର ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରତାପ କୁମାର ରଥ, ଦେବରାଜ ନାଏକ ମଞ୍ଚାସୀନ ଥିଲେ। ଯୁବ କବି କୁଳମଣି ମେହେର, ହୀମାଞ୍ଚଳ ପ୍ରଧାନ ଓ ହୃଦାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ହରିହର ମେହେରଙ୍କ ମହୀୟସୀ କୈକେୟୀ (କାବ୍ୟ) ଉନ୍ମୋଚନ ହୋଇଥିଲା।

## ଚନ୍ଦ୍ରଶେଖରନଗର ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୧୧

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୨୧ ନମ୍ବର ୱାର୍ଡର ଚନ୍ଦ୍ରଶେଖରନଗର ଠାରେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ଉଦ୍‌ଘାଟିତ ହୋଇଛି। ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପ୍ରାୟୋଜିତ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଶିଶୁ ଉଦ୍ୟାନ ନିର୍ମିତ ହୋଇଛି। ଶିଶୁ ଉଦ୍ୟାନରେ ଶିଶୁମାନଙ୍କ ବିଭିନ୍ନ ଖେଳ ଉପକରଣ ଏବଂ ମନୋରଞ୍ଜନ ବ୍ୟବସ୍ଥା ରହିଛି। ଏହି ଶିଶୁ ଉଦ୍ୟାନ ଉଦ୍‌ଘାଟନ ସମୟରେ ପୌର ନିର୍ବାହୀ ସାମିରେଡ୍ଡି ଜୟଶ୍ରୀ ଓ କାଉନସିଲର ଶତ୍ରୁଘ୍ନ ବାଗଙ୍କ ସମେତ ମୁନା ଖାନ୍, ସରିତା ଦାସ, ନନ୍ଦିନୀ ପୋଢ଼ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଶିଶୁ ଉଦ୍ୟାନ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ସହାୟକ ହେବ ବୋଲି ପୌରାଧ୍ୟକ୍ଷା ସାହୁ କହିଥିଲେ।


ପୌରାଧ୍ୟକ୍ଷା ଲିକା ସାହୁ ଚନ୍ଦ୍ରଶେଖରନଗରର ଶିଶୁ ଉଦ୍ୟାନ ଉଦ୍‌ଘାଟନ କରୁଛନ୍ତି।

## ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଲେ ବିଧାୟକ

ଦେଓଗାଁ,୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ମୁଣ୍ଡପଲାଠାରେ ବିଧାୟକ ନରସିଂହ ମିଶ୍ରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଦିଆଯାଇଛି। ଗାଁର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଧାୟକ ମିଶ୍ର ତତ୍ପରତା ପ୍ରକାଶ କରି କାର୍ଯ୍ୟ ସମ୍ପାଦନ କରିଥିବାରୁ ଗ୍ରାମବାସୀ କୃତଜ୍ଞତା ଜଣାଇଥିଲେ। ଗାଁ ମଣ୍ଡପରେ ରାମଜୀ କମିଟି ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ବିଧାୟକ ମିଶ୍ରଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଗାଁର କେତେକ ନେତୃସ୍ଥାନୀୟ ବ୍ୟକ୍ତି କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ଗାଁରେ ଥିବା ବିଜୁଳି ସମସ୍ୟା, ପାଣି ଓ ରାସ୍ତାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ବିଧାୟକ ମିଶ୍ର ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାରୁ ଗାଁ ଶେଷମୁଣ୍ଡ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହରିଜନପଡାରେ ଏକ କମ୍ୟୁନିଟି ସେଣ୍ଟର, ଗାଁରେ ଥିବା କେତେକ ଗରିବ ପରିବାରକୁ ବିଜୁଳି ସଂଯୋଗ ଶୀଘ୍ର କରାଯିବ ବୋଲି କହିଥିଲେ।


ବିଧାୟକ ନରସିଂହ ମିଶ୍ର ମୁଣ୍ଡପଲା ଗ୍ରାମବାସୀ ପାଛୋଟି ନେଉଛନ୍ତି।

## ଓଲମାଠାରେ ପାଳିତ ହେଲା ଟୋକିମରା ପର୍ବ

କୋକସରା,୧୧(ଡି.ଏନ.ଏ.)

ଆଦିମ ମଣିଷର ଆଦି ପର୍ବ ଟୋକିମରା ପରବ ରବିବାର କୋକସରା ବ୍ଲକର ଗମ୍ଭାରୀଗୁଡା ପଞ୍ଚାୟତ ଓଲମାଠାରେ ପାଳନ ହୋଇଯାଇଛି। ଧରଣୀପେନୁ ବା ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ ଆଦିବାସୀ କନ୍ଧ ସମ୍ପ୍ରଦାୟର ଜନଜାତିମାନଙ୍କ ଦ୍ୱାରା ପ୍ରତି ୧୨ ବର୍ଷ ଅନ୍ତରାଳରେ ଟୋକିମରା ପର୍ବ ପାଳନ ହେଉଥିବାବେଳେ ରବିବାର ମହାସମାରୋହରେ ଓଲମା ଗ୍ରାମରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପୌଷମାସ ଶେଷ ରବିବାର ଏହି ପର୍ବକୁ ପାଳନ କରାଯାଉଥିବାବେଳେ ସ୍ଥାନୀୟ ଆଦିବାସୀ ଭାଷାରେ ଟୋକି ଅର୍ଥାତ କୁଆଁରୀ ଝିଅକୁ ପୂର୍ବକାଳରେ ମାଟିଦେବତାଙ୍କୁ ପ୍ରସନ୍ନ କରିବାପାଇଁ ଆଦିବାସୀମାନେ ବଳି ଦେଉଥିଲେ। କାଳକ୍ରମେ ସରକାରୀ କଟକଣାର ଚାପରେ ହେଉ କି ଅନ୍ୟ କୌଣସି କାରଣରୁ ହେଉ କୁଆଁରୀ ଝିଅ (ଟୋକି) ବଦଳରେ ଗଡରା (ମେଣ୍ଢା)କୁ ପ୍ରତୀକ ରୂପେ ବଳି ଦିଆଯାଉଛି। କନ୍ଧ ପରମ୍ପରାର କୃଷି ଭିତ୍ତିକ ଟୋକିମରା ପର୍ବ ଏକ ନିଆରା ପର୍ବ। ମାଟି ଦେବତା ହେଉଛନ୍ତି ଏହି ସମ୍ପ୍ରଦାୟର ଆରାଧ୍ୟ ଦେବତା। ସେମାନଙ୍କ ବିଶ୍ୱାସ, ମାଟିଦେବତା ସନ୍ତୁଷ୍ଟ ହେଲେ ଚାଷ ଅମଳ ଭଲହେବା ସହ ଗ୍ରାମବାସୀ ଖୁସିରେ କାଳାତିପାତ କରିବେ। ଟୋକିମରା ପର୍ବ ପୂର୍ବରୁ ଦେବୀଙ୍କ ପୀଠରେ ପୂର୍ବ ବର୍ଷ ପୋତା ହୋଇଥିବା ଅସ୍ତ୍ର (କଣ୍ଡରୀ)କୁ ବାହାର କରି ମାଜଣା କରିବାପରେ ପାରମ୍ପାରିକ ବାଜା ସହ ଗ୍ରାମ ପରିକ୍ରମା କରାଯାଏ। ଏହି ସମୟରେ ଦେବୀଙ୍କ କଣ୍ଡରୀ ଏବଂ ଛତରକୁ ଗ୍ରାମବାସୀଙ୍କ ଘର ସମ୍ମୁଖରେ ପୂଜାପାଠ କରିବାପରେ ତା' ପରଦିନ ଅର୍ଥାତ ଶନିବାର ବଡି ଭୋରରୁ ସୂର୍ଯ୍ୟଦେବତାଙ୍କୁ ପୂଜାପାଠ କରାଯାଇ ବିଧି ମୁତାବକ ଏହି ପୂଜାପାଠ ସୂର୍ଯ୍ୟୋଦୟ ପୂର୍ବରୁ କରାଯାଇଥାଏ ଓ ଏହାକୁ ନିଷ୍ଠାର ସହ ପାଳନ କରାଯାଏ । ଏହାକୁ ଧରମ ପୂଜା ବୋଲି କୁହାଯାଏ। ଏହି ଦିନ ସନ୍ଧ୍ୟାରେ ମୁଡାମରା ପର୍ବ ପାଳନ ହୁଏ। ଓଲମାଠାରେ ଅନୁଷ୍ଠିତ ଟୋକିମରା ପର୍ବର ମୁଖ୍ୟ ପୁରୋଧା ଗ୍ରାମ ପୁଝାରୀଙ୍କ ଘରୁ ବଳି ପଡିବାକୁ ଥିବା ଗଡରାକୁ ପୂଜାର୍ଚ୍ଚନା ପରେ ଗୁରୁମେଙ୍କ ଦ୍ୱାରା ଗ୍ରାମ ପରିକ୍ରମା ସହ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଟୋକିମରା ପର୍ବରେ ସାମିଲ ହୋଇଥିବା କନ୍ଧ ସମ୍ପ୍ରଦାୟର ଶତାଧିକ ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକ ବିରାଟ ପଟୁଆରରେ ଟୋକିମରା ପଡିଆକୁ ବାହାରିଥାନ୍ତି। ପଡିଆକୁ ପହଞ୍ଚିଲା ପରେ ମାଟିଦେବତା ବା ଧରଣୀପେନୁଙ୍କ ଖମ୍ବ ନିକଟରେ ଗ୍ରାମପୂଝାରୀ ଓ ଗୁରୁମେ ପୂଜାର୍ଚ୍ଚନା କଳାପରେ ଟୋକି ରୂପକ ଗଡରାକୁ ସର୍ବସମ୍ମୁଖରେ ବଳି ଦିଆଯାଇଥାଏ। ବଳି ପଡିବା ପରେ ମେଣ୍ଢାର ମାଂସ ନେବାକୁ ଆଦିବାସୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। ଏହି ବଳି ମାଂସକୁ ନେଇ ନିଜ ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରିବା ସହ ଚାଷ ଜମିରେ ପୋତିଲେ ଆଗାମୀ ବର୍ଷ ଭଲ ଫସଲ ହେବ ବୋଲି ବିଶ୍ୱାସ ରହିଛି। ପର୍ବ ଶେଷରେ ଗ୍ରାମରେ ଶୁଦ୍ଧିପାଇଁ ଗୋବର ପାଣି ସିଞ୍ଚନ କରାଯାଏ। ପରେ ରାତିରେ ଆସିଥିବା ଅତିଥିମାନଙ୍କ ସତ୍କାର ପାଇଁ ନାଚଗୀତ ସହ ଭୋଜିଭାତର ଆସର ଜମିଥାଏ। ଏହି ଟୋକିମରା ପର୍ବ ପାଳନ ପାଇଁ ଗ୍ରାମ୍ୟ କମିଟିର ସଭାପତି ଗୌନ୍ତିଆ ତଥା ସଭାପତି ବିଭୁତି ଭୂଷଣ ପଣ୍ଡା, ଉପ ସଭାପତି ହିମାଦ୍ରୀ ବଗର୍ତ୍ତି, ସମ୍ପାଦକ ବ୍ରହ୍ମାନନ୍ଦ ମାଝୀ, ସହ ସମ୍ପାଦକ ବଳରାମ ସାଗର,କୋଷାଧ୍ୟକ୍ଷ ଅଚ୍ୟୁତ କୁମାର ସାହୁ, ତ୍ରିନାଥ ଶବର, ଗାଁ ପୁଝାରି ଧନେଶ୍ୱର ମାଝୀ, ପୁଝାରି ବଳଦେବ ମାଝୀ, ମୁଖ୍ୟ ପୂଜକ ଭୂପେନ୍ଦ୍ର ମାଝୀ, ଧନଞ୍ଜୟ ସାହୁ, ସଞ୍ଜୀବ ପଣ୍ଡା, ବଲ୍ଲଭ ସାହୁ, ଭାଗବତ କଟା, ପବିତ୍ର ମାଝୀ, ଆଶିଷ କୁମାର ପଣ୍ଡା, ଫୁଲଚନ ଶବର, ଶେଷ ରଞ୍ଜନ ପଣ୍ଡା ଓ ଓଲମା ଗ୍ରାମବାସୀ ପ୍ରମୁଖ ପରିଚାଳନା କରିଥିବାବେଳେ କୋଡିଏ ଖଣ୍ଡ ଗ୍ରାମର କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ଅଂଶଗ୍ରହଣ କରିଥିଲେ। ଟୋକିମରା ପର୍ବକୁ ଶାନ୍ତିଶୃଙ୍ଖଳାରେ ସୁରକ୍ଷା ଦେବାପାଇଁ କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।


ଟୋକିମରା ପର୍ବ ପାଳନ କରାଯାଉଛି।

**ଟେଣ୍ଟ ମାଲିକ ସଂଘର ବାର୍ଷିକ ସମାବେଶ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକରେ ହରିଶଙ୍କର ବାବା ଟେଣ୍ଟ ମାଲିକ ସଂଘର ଅଷ୍ଟମ ବାର୍ଷିକ ବୈଠକ ବ୍ଲକ ସଭାପତି ବିକାଶ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଗରିବ ପରିବାର ପାଇଁ ଟେଣ୍ଟଭଡ଼ା ହ୍ରାସ କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ରବୀନ୍ଦ୍ର ଗଡ଼ତ୍ୟା, ସୀତାରାମ ମେହେର, ପିଣ୍ଟୁ ପୁଟେଲ, ସନ୍ତୋଷ ପ୍ରଧାନ, ବେଦବ୍ୟାସ ବେହେରା, ସାମାଜିକ ପୁଟେଲ, ଗୋପାଳ ପାତ୍ର, ବାଙ୍କବିହାରି ନାଏକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଶପଥ ନେଲେ

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସଂକଳ୍ପ ସମାବେଶ

**ଖପ୍ରାଖୋଲ, ୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଲୁହାସିଂହା ପଞ୍ଚାୟତ ଯୁରିଆ ଶିବମନ୍ଦିର ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୮ତମ ସଂକଳ୍ପ ସମାବେଶ ରବିବାର ଯୁବ ପରିଷଦ ଯୁଗ୍ମ ଆବାହକ ସୁଶୀଲ କୁମାର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ନୃସିଂହନାଥ ଶାଖାର କର୍ମକର୍ତ୍ତାମାନେ ନରସିଂହନାଥରୁ ଏକ ମଶାଲ ଶୋଭାଯାତ୍ରା ପଦ୍ମପୁର ଦେଇ ଯୁରିଆଠାରେ ପହଞ୍ଚି ଥିଲେ। ମଶାଲ ଶୋଭାଯାତ୍ରା ଦଳକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସମାବେଶରେ ମୁଖ୍ୟ ଅତିଥିଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଯୁବପରିଷଦ କେନ୍ଦ୍ରୀୟ ଆବାହକ ଦୁର୍ଯ୍ୟୋଧନ ପୁଟା, ରାହାସବିହାରୀ ସାହୁ, ରଘୁବୀର ସିଂ ବରିହା, ଭୀଷ୍ମଦେବ ପଟେଲ, ଟେମେରି ସରପଞ୍ଚ ଦିଲ୍ଲୀପ ବେହେରା, ଥର୍ବି ମେହେର, କ୍ଷମାନିଧି ଭୋଇ, ବିପ୍ର ବିଶି, ଡ଼ା ବିପିନ କୁଶଲିଆ, ସୁବାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ପୃଷ୍ଠଭୂମି, ଜନ ଆନ୍ଦୋଳନର ବିଜୟ ଉପରେ ଆଲୋକପାତ କରିଥିଲେ। ବଲାଙ୍ଗୀର ଓ ବରଗଡ଼ ଜିଲାର ସୀମାନ୍ତରେ ଗନ୍ଧମାର୍ଦ୍ଦନ ପାହାଡ ଥିବାବେଳେ ଅନେକ ଚିରସ୍ରୋତା ଝରଣା, ଜୈବ ବିବିଧତା, ଦୁର୍ଲଭ ଜଡ଼ିବୁଟି ସହ ହରିଶଙ୍କର ଓ ନୃସିଂହନାଥ ମନ୍ଦିର ପାଇଁ ପ୍ରସିଦ୍ଧି ରହିଛି। ଗତ ଅଶୀଦଶକରେ ବାଲକୋ କମ୍ପାନୀ ଦ୍ୱାରା ବକ୍ସାଇଟ ଖନନ ପାଇଁ ଲିଜ ଦେଇଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆନ୍ଦୋଳନ ଯୋଗୁ ସରକାର ଲିଜ୍ ବାତିଲ କରିବାକୁ ବାଧ ହୋଇଥିଲେ। ପାହାଡ଼ର ସୁରକ୍ଷା ପାଇଁ ପ୍ରତିବର୍ଷ ନୂଆବର୍ଷର ପ୍ରଥମ ଦିନ ସଂକଳ୍ପ ସମାବେଶ ଆୟୋଜିତ ହୋଇଥାଏ। ଏହି ଅବସରରେ ପ୍ରଥମେ ବୟୋଜ୍ୟେଷ୍ଠଙ୍କୁ ପୂଜନ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୃସିଂହନାଥ ଅଞ୍ଚଳର ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ ପ୍ରଧାନ, ଗନେଶି ତାଣ୍ଡି, ଧରମସିଂ ଧରୁଆ, ଗଜ ନାଗ, ଟିକେଶ୍ୱର ଧରୁଆ, ଶତ୍ରୁଘ୍ନ ନାଏକ, ଅନ୍ତର୍ଯ୍ୟାମୀ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୀନବନ୍ଧୁ ମେହେର, କର୍ଣ୍ଣ ସିଂ ଠାକୁର, ବାବାଜୀ ମେହେର, ରାଜେନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଧିରେନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଭୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।



ମଶାଲ ଶୋଭାଯାତ୍ରା ଗାଁ ପରିକ୍ରମା କରି ସଭାସ୍ଥଳକୁ ଯାଉଛି।

## ଲାଠୋର ଧନୁଯାତ୍ରା ଉଦ୍‌ଯାପିତ



ଦରବାରରେ ଅତିଥିଙ୍କ ସହ ମହାରାଜ କଂସ।

**ଲାଠୋର, ୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଜୟ ମା ବସ୍ରେନ ଧନୁଯାତ୍ରା କମିଟି ଆୟୋଜିତ ୧୩ତମ ଧନୁଯାତ୍ରା ମହୋତ୍ସବ ଶନିବାର କଂସବଧ ସହ ଉଦ୍‌ଯାପିତ ହୋଇ ଯାଇଛି। ଗୋପପୁରରୁ କୃଷ୍ଣ ବଳରାମ ମଥୁରାକୁ ଧନୁଯାତ୍ରା ଦେଖିବାକୁ ଆସି କଂସଙ୍କୁ ନିଧନ କରିବା ଦୃଶ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା।

ଏଥି ପୂର୍ବରୁ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ସମାଜସେବୀ ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ପ୍ରସାଦ ଅଗ୍ରୱାଲ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ଖବରଦାତା ପାର୍ଥବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ସୁଶିଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଂସ ମହାରାଜ ମନ୍ତ୍ରୀଙ୍କୁ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏ ଦିଗରେ ରାଜ୍ୟ ସରକାରଙ୍କ ନିକଟରେ ପକ୍ଷ ରଖି ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହ ଅବସରରେ କମିଟି ପକ୍ଷରୁ କଂସ ଭୂମିକାରେ ଅଭିନୟ କରିଥିବା ଜଗଦାନନ୍ଦ ମିଶ୍ର ଏବଂ ସାଥୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ହରି ବାରିକ, ସମ୍ପାଦକ ସଚ୍ଚିକାନ୍ତ ଦାସ, ସଦସ୍ୟ ରମାକାନ୍ତ ମହାନ୍ତି, ପ୍ରକାଶ ବେହେରା, ବିଦ୍ୟାଧର ଗୁର୍ଲା, ବିଶ୍ୱହରି ନାଗ, ନୀଳମଣି ବେହେରା, ଭଗବାନ ସେଠ, ରୋହିତ ମେହେର, ନିରଞ୍ଜନ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର ମରାମତି ବେଳେ ମାଡିଗଲା ଟ୍ରକ, ଯୁବକ ମୃତ

**ନୂଆବର୍ଷରେ ସମଲେଇଙ୍କ ଦର୍ଶନ ପାଇଁ ବାହାରିଥିଲେ**

**ସଇଁତଲା,୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ମନମୁଣ୍ଡା ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନବରଙ୍ଗପୁର ଜିଲା ମାଝିଗୁଡ଼ାର ବାଲ୍ମିକି ବିଶୋଇ (୩୮)। ସେ ପରିବାର ସହ କାର (ନଂଓଡ଼ି-୦୨-ଏଏଲ-୪୭୫୪)ରେ ନୂତନ ବର୍ଷ ସକାଳୁ ସମ୍ବଲପୁରରେ ମା' ସମଲେଇଙ୍କ ଦର୍ଶନ କରିବା ପାଇଁ ଶନିବାର ବିଳମ୍ବିତ ରାତିରେ ଯାଉଥିଲେ। ଜାତୀୟ ରାଜପଥ-୨୬ର ମନମୁଣ୍ଡା ଛକ ନିକଟରେ କାର ପଙ୍କଚର ହୋଇଯାଇଥିଲା। ଡ୍ରାଇଭର ଟାୟାର ବଦଳାଉଥିବାବେଳେ ବିଶୋଇ ମୋବାଇଲ ଲାଇଟ ଦେଖାଉଥିଲେ। ରାତ୍ର ପ୍ରାୟ ୩ଟାରେ ବଲାଙ୍ଗୀର ପଟୁ ଆସୁଥିବା ଟ୍ରକ (ନଂ. ଟିଏନ-୭୦-ଜେ-୩୨୨୬) ବିଶୋଇଙ୍କ ଉପରେ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଉପସ୍ଥିତ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛି। ସଇଁତଲା ପୋଲିସ ଟ୍ରକକୁ ଜବତ କରିଛି। ମୃତ ବିଶୋଇଙ୍କର ତିନୋଟି ଛୋଟ ଝିଅ ଥିବା ପରିବାର ସୂତ୍ରରୁ ପ୍ରକାଶ।

### ଯୋଗାଣ ବିଭାଗ ଚଢ଼ାଉ ପରେ ଧାନ ବେପାରୀ ଛାନିଆ

**ଲୋଇସିଂହା,୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡାର ଏକ ଗୋଦାମରେ ଜିଲା ଯୋଗାଣ ବିଭାଗ ଚଢାଉ କରି ବେଆଇନ ଗଚ୍ଛିତ ୪୩୯ ବସ୍ତା ଧାନକୁ ଜବତ କରିଛି। ଏହାପରେ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଧାନ ବେପାର କରି ମୁନାଫା ଉଠାଇଥିବା ବେପାରୀଙ୍କ ମଧ୍ୟରେ ଛନକା ପଶିଛି। ଯୋଗୀସର୍ଡା ପାକ୍ସ ଅଧୀନ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡାଠାରେ ଆଗଲାପାଲି ଗ୍ରାମର ସଞ୍ଜୟ ସାହୁଙ୍କ ଏକ ଗୋଦାମ ରହିଛି। ସେଠାରେ ଶତାଧିକ ବସ୍ତା ଧାନ ବେଆଇନ ଚାଲାଣ ଉଦ୍ଦେଶ୍ୟରେ ଗଚ୍ଛିତ ଥିବା ଚଢ଼ାଉ ବେଳେ ଅତିରକ୍ତ ଜିଲା ଯୋଗାଣ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଜାଣିବାକୁ ପାଇଥିଲେ। ସେଥିରୁ ୪୩୯ ବସ୍ତା ଧାନକୁ ଜବତ ଦେଖାଇଥିଲେ। ବ୍ଲକର ଲୋଇସିଂହା, ବୁର୍ଡା, ଯୋଗୀସର୍ଡା, କନ୍ଦାଜୁରୀ, କୁଶଙ୍ଗ, କୁଶମେଲ ଗଡଶଙ୍କର ଡୁଙ୍ଗରିପାଲି, ରେଙ୍ଗାଲି, ବାଦିମୁଣ୍ଡା ଓ ସରଗାଡ ପାକ୍ସ ରହିଛି। ସମସ୍ତ ପାକ୍ସରେ ଧାନବିକ୍ରି ପାଇଁ ୪୭୯୨ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅଜ୍ଞତା ଓ ବିବିଧ ସମସ୍ୟା ଯୋଗୁ କେତେକ ଚାଷୀ ନାମ ପଞ୍ଜୀକରଣ କରି ପାରି ନଥାନ୍ତି। ସେମାନଙ୍କ ଧାନକୁ ବେପାରୀ ଅଣ୍ଡରରେଟରେ କିଣି କୌଶଳ କରି ପାକ୍ସରେ ବିକ୍ରି କରି ମୁନାଫା ଉଠାଇଥାନ୍ତି। ଯୋଗାଣ ବିଭାଗର ସ୍ଥାଣୁତାରୁ ଧାନବୋପରୀ ସକ୍ରିୟ ହୋଇ ପଡିଛନ୍ତି। ସେମାନଙ୍କୁ ପାକ୍ସ ଓ ମିଲର୍ସ ସହଯୋଗ କରି ଆସୁଛନ୍ତି। ଶୁକ୍ରବାର ଭାଲିଆମୁଣ୍ଡାରେ ଯୋଗାଣ ଓ ରାଜସ୍ୱ ବିଭାଗ ଚଢ଼ାଉ କରି ବେଆଇନ ଗଚ୍ଛିତ ଧାନ ଜବତ କରିଛି। ଏହାପରେ ବେପାରୀ ଛାନିଆ ହେବା ସହ ସର୍ତକତା ଅବଲମ୍ବନ କରିଥିବା ଜଣାଯାଇଛି। ନିଜ ଘରେ ଧାନ ନରଖି ସମ୍ପର୍କୀୟ କିମ୍ବା ପଡୋଶୀ ଘରେ ଧାନ ଓ ମାପ ମେଶିନ ରଖି କାରବାର ଚଳାଉଛନ୍ତି।

## ବୀରତା ଦିବସରେ ମାଧୋ ସିଂହଙ୍କ ସ୍ମୃତି ଚାରଣ

**ଖପ୍ରାଖୋଲ, ୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ହାଇସ୍କୁଲ ପଡିଆରେ ବିଞ୍ଝାଲ ଛାତ୍ର ସଙ୍ଗଠନ ତରଫରୁ ୧୬୪ତମ ବୀରତା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଖେଳ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିବା ପରେ ଏକ ସଭା ଆୟୋଜିତ ହୋଇଥିଲା। ଯଶୋବନ୍ତ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା, ମୁଖ୍ୟବକ୍ତା ଗବେଷକ ଅଜିତ କୁମାର ଭୋଇ, ସମ୍ମାନିତ ଅତିଥି ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରୀଧାରୀ ନାଗ, ଆଇନଜୀବୀ ତ୍ରିଲୋଚନ ପୁଞ୍ଜି, ସରପଞ୍ଚ ସନ୍ତୋଷିନୀ ବରିହା, ନାରୀନେତ୍ରୀ ଲକ୍ଷ୍ମୀ ଶବର, ସମିତି ସଭ୍ୟ ନୀଳାମ୍ବର ବରିହା ଯୋଗଦେଇ ଘେଁସ ଜମିଦାର ସହୀଦ ମାଧୋସିଂଙ୍କ ସ୍ମୃତି ଚାରଣ କରିବା ସହ ଭାରତ ମାତାଙ୍କ ସାଧୀନତା ଆନ୍ଦୋଳନରେ ମାଧୋ ସିଂ ପରିବାରର ବଳିଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଦୁମଣି ବରିହା, ନରେନ୍ଦ୍ର ବରିହା, ତୋଫାନ ବରିହା, ଧ୍ରୁବରାଜ ବରିହା, ଦେବାନନ୍ଦ ବରିହା, ଗୋବିନ୍ଦ ବରିହା ପ୍ରମୁଖ ବିଂଝାଲ ଛାତ୍ର ସଂଗଠନ କର୍ମ କର୍ତ୍ତା, ଓ ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସବିତା ମହରା ପରିଚାଳନା କରିଥିବାବେଳେ ରାଜୀବ ଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଚାଉଳବାଞ୍ଜି ଗାଁରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ବୀରତା ଦିବସ ପାଳିତ ହୋଇଯାଇଛି। ସଂଘ ବ୍ଲକ ସଭାପତି ବିପ୍ର ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଞ୍ଝାଲ ସମାଜ ସଭାପତି ଲୋଚନ ବରିହା, ଟିକେଶ୍ୱର୍ ଧାରୁଆ, ଧରମ ସିଂହ ଧରୁଆ, ପବିତ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ।




ବୀରତା ଦିବସରେ ବାହାରି ଥିବା ଶୋଭାଯାତ୍ରା।

## ଜୀବନଜୀବିକା କର୍ମଶାଳା

**ଟିଟିଲାଗଡ଼, ୧।୧(ଡି.ଏନ.ଏ)**

ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଶା, ଦେସିଲ ସାମାଜିକ ସଂଗଠନ ପକ୍ଷରୁ ଜୀବନଜୀବିକା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଡିଏଭି ମହାବିଦ୍ୟାଳୟ ଅଧକ୍ଷ ମେଜର ଡ. ମଧୁସୂଦନ ମିଶ୍ର, ଜିଲା ପରିଷଦ ସଭ୍ୟ ଗୀତା ବିଶି, ଏପିକଲ ଡିଏମ ଲାସା ମୁର୍ମୁ, ସାଗର ସୁପର ସ୍ପେଶାଲିଟି ହସ୍ପିଟାଲ ରାୟପୁରର ଏମଡି ଭକ୍ତବନ୍ଧୁ କୁମ୍ଭାର, ଉପଖଣ୍ଡ କୃଷି ଅଧିକାରୀ ବିଶ୍ୱେଶ୍ୱର ସାହୁ, ବ୍ଲକ କୃଷି ଅଧିକାରୀ ଲାଲବିହାରି ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ଆଶା ସମ୍ପାଦକ ସଞ୍ଜିବ ପଟ୍ଟନାୟକ, କାର୍ଯ୍ୟକାରୀ ପରିଚାଳକ ପ୍ରଦୀପ୍ତ ମଲ୍ଲିକ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା, ମୁରିବାହାଲ, ସଇଁତଲା ଓ ଟିଟିଲାଗଡ ବ୍ଲକର ଭିନ୍ନକ୍ଷମ, ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ ଉପସ୍ଥିତ ରହି ନିଜ ଉତ୍ପାଦିତ ଦ୍ରବ୍ୟକୁ ଷ୍ଟଲ ଖୋଲି ପ୍ରଦର୍ଶନ କରିଥିଲେ। ବିଶେଷ ଭାବରେ ମାଣ୍ଡିଆ ଏବଂ ଏଥିରୁ ପ୍ରସ୍ତୁତ ବରା, ସିଙ୍ଗଡା, ଆଲୁଚପ, ମାଳପୁଆ, ଇଡଲି, ଖିରି ଓ ସମ୍ବଲ ଶକ୍ତି କମ୍ପାନୀ ଦ୍ୱାରା କମ ଖର୍ଚ୍ଚରେ ପାଳ, ଧିଙ୍ଗିରି ଛତୁ ଆଦି ଉତ୍ପାଦନ କରି କିଭଳି ଅଧିକ ଲାଭ ମିଳିଥାଏ ସେନେଇ ସଚେତନ କରାଯାଇଥିଲା। କର୍ମଶାଳାକୁ ଆସିଥିବା ବୃଦ୍ଧବୃଦ୍ଧାଙ୍କୁ ଫିଜିଓ ଥେରାପି ଚିକିତ୍ସା ପ୍ରଦାନ କରାଯାଇଥିଲା। ସାଗର ହସ୍ପିଟାଲ ଦ୍ୱାରା ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ଏନେଇ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମେତ ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀ, ମହିଳା ଗୋଷ୍ଠୀ, ଯୁବବର୍ଗ, ଭିନ୍ନକ୍ଷମ କିଭଳି ଆଥିକ କ୍ଷେତ୍ରରେ ଉପକୃତ ହୋଇପାରିବେ ସେ ନେଇ ଅତିଥିବୃନ୍ଦ ଆଲୋକପାତ କରିଥିଲେ।

## ଗୋପାଳନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ।

**ଲୋଇସିଂହା,୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଆଗଲାପାଲି ଗ୍ରାମରେ ଗୋପାଳନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ଏବଂ ଲୋଇସିଂହା ପ୍ରାଣୀ ଚିକିତ୍ସା ବିକାଶ ବିଭାଗ ଆନୁକୂଲ୍ୟରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ କୁମାର ବେରୁଆ, ସ୍ଥାନୀୟ ପ୍ରାଣୀ ନିରୀକ୍ଷକ ଝରଣାମୟୀ ଗଡତ୍ୟା ଓ ଷ୍ଟାଫ ଶିବିରରେ ଯୋଗଦେଇଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ଟୀକାକରଣ ଏବଂ ୧୦ ଗାଈର ବନ୍ଧ୍ୟା ନିରାକରଣ କରାଯାଇଥିଲା। କ୍ଷୀରରୁ ଉତ୍ପାଦିତ ସାମଗ୍ରୀର ଚାହିଦା ବୃଦ୍ଧି ପାଇଛି। ଏବଂ ଚାଷୀମାନେ ଅଧିକରୁ ଅଧିକ ଗୋ ପାଳନ କରି ସ୍ୱାବଲମ୍ବୀ ହେବାକୁ ପ୍ରାଣୀ ଚିକସା ବିଭାଗ ଅଧିକାରୀ ପରାମର୍ଶ ଦେଇଥିଲେ।

## ୩ୟବର୍ଷ ଲୋକକଳା ଉତ୍ସବ




ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ସଇଁତଲା, ୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଜୟ ଜଗନାଥ କଳା ପରିଷଦ ଆନୁକୂଲ୍ୟରେ ୩ୟ ବର୍ଷ ଲୋକ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରା ଗାଁ ପରିକ୍ରମା କରି ସାଂସ୍କୃତିକ ମଣ୍ଡପରେ ପହଞ୍ଚି ଥିଲା। ଟିଟିଲାଗଡ଼ର ଭାଜପା ନେତା ନବୀନ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧକ୍ଷ ଗୁଣସାଗର ମାଝି, କୁମ୍ଭାରୀ ସରପଞ୍ଚ ଶୈଳେନ୍ଦ୍ରୀ ମହାନନ୍ଦ, ସଇଁତଲା ସରପଞ୍ଚ, କରମତଲା ସରପଞ୍ଚ, କୁମ୍ଭାରୀ ସମିତି ସଭ୍ୟ ସରୋଜିନୀ ବିଭାର, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ବିଜୟ ସାହୁ, ଡ଼ା. ବିଶ୍ୱଜିତ ମିଶ୍ର, ଶିକ୍ଷକ ନାରାୟଣ ଜାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଷୋତ୍ତମ ଦାସ ଓ ରାଜେନ୍ଦ୍ର ଖମାରୀ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ଅବସରରେ କଳାପ୍ରେମୀ ଦୟା ବର୍ଗର୍ତ୍ତି, ବ୍ରଜବନ୍ଧୁ ବର୍ଗର୍ତ୍ତି, ସଦା ଦାସ, ବିଶ୍ୱକର ରଣା, ଲିଙ୍ଗ ମାଝି, କୃଷ୍ଣ ମଲ୍ଲିକ, ଡ଼ା.ବିଶ୍ୱଜିତ ମିଶ୍ର, ଯୁଧିଷ୍ଠିର ହୋତା ଏବଂ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ମାନୀତ କରାଯାଇଥିଲା।

## ପ୍ରଥମ ଦସ୍‌ତାର ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ଶିଖ୍ ସମ୍ପ୍ରଦାୟର ବ୍ୟକ୍ତି।

**ଭବାନୀପାଟଣା,୧।୧(ସ୍ୱ.ପ୍ର)**

କଳାହାଣ୍ଡି ଜିଲା ଭବାନୀପାଟଣା ଗୁରୁଦ୍ୱାର ଠାରେ ରବିବାର ପ୍ରଥମ ଦସ୍‌ତାର (ପଗଡି) ବାନ୍ଧିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଖ୍‌ମାନଙ୍କର ପ୍ରତୀକ ପଗଡିକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପ୍ରଦାୟର ଛୋଟ, ଯୁବକଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଖ୍ ସମ୍ପ୍ରଦାୟର ଛୋଟ ପୁଅ ଠାରୁ ଯୁବକ ପର୍ଯ୍ୟନ୍ତ ପ୍ରାୟ ୨୫ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପଗଡି (ଦସତାର) ବାନ୍ଧିବା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ହୋଇଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୫ ତାରିଖ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।

## ଆଦିବାସୀଙ୍କ ଅନନ୍ୟ ପୌଷପର୍ବ ପାଳିତ

**ଭବାନୀପାଟଣା,୧।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଆଦିବାସୀ ଅଞ୍ଚଳ କୁରୁଗୁଡାଠାରେ ରବିବାର ଆଦିବାସୀଙ୍କ ଅନନ୍ୟ ପର୍ବ ପୌଷପର୍ବ ପାଳିତ ହୋଇଯାଇଛି। ଏହି ପର୍ବ ଗତ ୧ ମାସ ଧରି ଆରମ୍ଭ ହୋଇଥିଲା। ଏଥିରେ ମରାଜୋର ଓ ମାଣିକାପଦର ଗ୍ରାମବାସୀ ସାମିଲ ଥିଲେ। ପୂଜା ପୂର୍ବ ଦିନ ଦେବୀ ଗ୍ରାମ ପରିକ୍ରମା କରିଥିଲେ। ଶନିବାର ରାତିରେ ପୂଜା ହେବା ସହ ସକାଳ ୧୦ଟାରେ ପୋଡ଼ବଳି ଦେଇଥିଲେ। ଏହି ପର୍ବରେ ଗ୍ରାମର ଗୌନ୍ତିଆ, ଝାଙ୍କର, ଯାନୀ, ଗ୍ରାମରକ୍ଷୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କଳାହାଣ୍ଡି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଏହି ଜିଲାରେ ପୂର୍ବ ପୁରୁଷରୁ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଆଦିବାସୀମାନଙ୍କ ଦୃଢ଼ବିଶ୍ୱାସ ଅଛି ଯେ, ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କଲେ ସୁଖସମୃଦ୍ଧି ଓ ଧନଧାନ୍ୟପରିପୂର୍ଣ୍ଣ ହୋଇଥାଏ। ତେଣୁ କୁରୁଗୁଡାଠାରେ ଗ୍ରାମଦେବୀଙ୍କୁ ପଶୁବଳି ବା ପୋଡ଼ ବଳି ଦିଆଯାଇଥିଲା।



କୁରୁଗୁଡ଼ାରେ ପୌଷ ପର୍ବ ପାଳନ ମୁହୂର୍ତ୍ତ।

## ସାହିତ୍ୟ ପତ୍ରିକା 'ସାଗର' ଲୋକାର୍ପିତ

**ଭବାନୀପାଟଣା,୧।୧(ସ୍ୱ.ପ୍ର.)**

କଳାହାଣ୍ଡି ଲେଖକ କଳା ପରିଷଦ ଭବାନୀପାଟଣା ପକ୍ଷରୁ ରବିବାର ଭବାନୀପୁରସ୍ଥିତ ଆମ୍ରକୁଞ୍ଜରେ ବନାନୀ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଗୀତିକାର ଯୁଗଳ କିଶୋର ଯୋଷୀଙ୍କ ସ୍ମୃତିରେ ଏହି ସମ୍ମିଳନୀ ହୋଇଥିଲା। ୩୨ବର୍ଷରୁ ଉର୍ଦ୍ଧ୍ୱ ହେବ ଇଂରାଜୀ ନବ ବର୍ଷ ଅବସରରେ ଆୟୋଜିତ ହେଉଥିବା ଏଇ ସାରସ୍ୱତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ରାସବିହାରୀ ବେହେରା ଅଧକ୍ଷତା କରିଥିଲେ। ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଶୁଭେଚ୍ଛା ଓ ସମ୍ପାଦକ ଭବନାଥ ରାୟଗୁରୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ଶିକ୍ଷୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର




ସାହିତ୍ୟ ପତ୍ରିକା ସାଗର ଲୋକାର୍ପିତ କରାଯାଉଛି।

### ବନାନୀ କବି ସମ୍ମିଳନୀ

ସାହିତ୍ୟ ପତ୍ରିକା 'ସାଗର'ଲୋକାର୍ପିତ ହୋଇଥିଲା। ଯୁଗଳ କିଶୋର ଯୋଷୀ ସମ୍ମାନ-୨୦୨୨ କବି ଭାରତ ମାଝୀଙ୍କୁ ଓ କବି ବ୍ରହ୍ମାନନ୍ଦ ସାମଲଙ୍କୁ ଯୁଗଳ କିଶୋର ଯୋଷୀ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। କବି ହେମନ୍ତ ସାହୁଙ୍କ ସଂଯୋଜନାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଅର୍ଦ୍ଧଶତ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। କୋଷାଧକ୍ଷ ଭାଗିରଥି ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଡ. ହରେକୃଷ୍ଣ ମେହେର, ଡ. ଦାଶରଥି ଆଚାର୍ଯ୍ୟ, ପ୍ରଭାସ ଚନ୍ଦ୍ର ମିଶ୍ର, ଡ. ତପନ ରଥ, ଅଶୋକ ପାତ୍ର, ସ୍ୱର୍ଣ୍ଣକାନ୍ତି ବୈକାର, ଦୀପ୍ତି ମୁଣ୍ଡ, ଆନନ୍ଦିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ପ୍ରସାଦ ନେଗୀ, ଶୁଭେନ୍ଦୁ ମହାପାତ୍ର, ଗୋପାଳ ସାହୁ, ତାପସ ପଟେଲ, ସୌରଭ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଆଧାତ୍ମିକ କାର୍ଯ୍ୟକ୍ରମରେ ନବବର୍ଷ ପାଳିଲେ

ଲୋଇସିଂହା,(ଡି.ଏନ.ଏ): ୨୦୨୨ବିଦାୟ ନେଇଛି ଓ ୨୦୨୩ ଆରମ୍ଭ ହୋଇଛି । ନବବର୍ଷ ସୁଖ,ସମୃଦ୍ଧି ଓ ପ୍ରଗତି ଆଣି ଦେଉ ଏଥିପାଇଁ ଲୋକେ ଦେବାଳୟ ଦର୍ଶନ କରି ପ୍ରାର୍ଥନା କରିଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା । ନବ ବର୍ଷ ଉପଲକ୍ଷେ ଲୋଇସିଂହା ଥାନା ବୁର୍ଡା ଗ୍ରାମର ଶିବ ମନ୍ଦିର ପରିସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା । ଶେଷଦେବ ଦାନି ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ସେହିପରି ଲୋଇସିଂହା ରଘୁନାଥ ମଠରେ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଥରଗଡ, ଗାଈଖାଇ, ରମା ପାହାଡରେ ବଣଭୋଜି କରି ଲୋକେ ନବବର୍ଷ ପାଳନ କରିଥିଲେ।

## ସଂକ୍ଷେପରେ

### ଜିଲ୍ଲା ପ୍ରଶାସନ ପକ୍ଷରୁ ଭଲିବଲ ପ୍ରତିଯୋଗିତା

ଖଡ଼ିଆଳ,୧୧(ଡି.ଏନ.ଏ): ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପର ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଏ ଉପଲକ୍ଷେ ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଞ୍ଚାୟତରେ ଦିନିକିଆ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରଜାମୁଣ୍ଡା ଦଳ ଓ ବଡ଼ମହେଶ୍ୱର ଦଳ ମଧ୍ୟରେ ହୋଇଥିଲା। ୨-୦ରେ ରଜାମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା। ସାନମହେଶ୍ୱର ସରପଞ୍ଚ ଆଲ୍ଲାଦିନି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଯୋଗଦେଇ ଏହି ପ୍ରତିଯୋଗିତା ପାଇଁ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହୋଇପାରିବ ଓ ଆସନ୍ତା ହକି ବିଶ୍ୱକପ ଦେଖିବା ଓ ସମର୍ଥନ କରିବାରେ ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଏହି ଅବସରରେ ପଞ୍ଚାୟତର ୧୪ଟି ୱାର୍ଡ ସଭ୍ୟାସଭ୍ୟଙ୍କ ସହ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ।

### ପୂର୍ବତନ ଏନ୍‌ଏସି ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଦେହାନ୍ତ

ଖଡ଼ିଆଳ,୧୧(ଡି.ଏନ୍.ଏ.): ଖଡ଼ିଆଳ ଏନ୍‌ଏସିର ପୂର୍ବତନ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ



ରବିବାର ୭୩ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ସମାଜସେବୀ ଥିଲେ। ୧୯୭୭ରେ ଖଡ଼ିଆଳ ପୌରପାଳିକାରେ ୱାର୍ଡ ସଭ୍ୟ ଭାବରେ ମନୋନୀତ ହୋଇଥିଲେ। କ୍ରମାଗତ ଭାବରେ ଦ୍ୱିତୀୟ ଥର ପାଇଁ ୱାର୍ଡ ସଭ୍ୟ ଭାବରେ ମନୋନୀତ ହୋଇ ନଗର ଉପାଧକ୍ଷ ଥିଲେ। ତାଙ୍କ ପରିବାର ପ୍ରଥମ କରି ଖଡ଼ିଆଳ ୱାର୍ଡ ନମ୍ବର ସାତରେ ଏକ ପ୍ରାଥମିକ ସ୍କୁଲ ସ୍ଥାପନ ନେଇ ଜମି ପ୍ରଦାନ କରିଥିବାବେଳେ ତାଙ୍କ ମା'ଙ୍କ ନାମରେ ମାଣିକ୍ୟ ଦେବୀ ବିଦ୍ୟାଳୟ ହୋଇଥିଲା। ସେ ଜଣେ ଦରଦୀ ମଣିଷ ଥିଲେ। ତାଙ୍କ ଶେଷକୃତ୍ୟ ପଦ୍ମପୁର ଗ୍ରାମ ସ୍ଥିତ ପୈତୃକ ଜମିରେ ଅନୁଷ୍ଠିତ ହେବ।

# ସେବା ସୁଖ, ସମୃଦ୍ଧିର ବାଟ

**ବଲାଙ୍ଗୀର ଅଫିସ, ୧୧**




ବାଧିତ ଜନବନ୍ଧୁ ପ୍ରଭାକର ରଥ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

**ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୩ତମ ଜୟନ୍ତୀ**

ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୩ ତମ ଜୟନ୍ତୀ ସମାରୋହ ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟରେ ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଅଭିମନ୍ୟୁ ମିଶ୍ର ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ମମତା ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେବା ଦ୍ୱାରା ହିଁ ସମାଜରେ ସୁଖ, ସମୃଦ୍ଧି ଆଣିପାରିବା ବୋଲି ଅତିଥିମାନେ କହିଥିଲେ। ପ୍ରଭାକର ରଥଙ୍କ ନିଃସ୍ୱାର୍ଥପର ସେବା ସମାଜକୁ ସବୁବେଳେ ପ୍ରେରଣା ଯୋଗାଇ ଦେଇଆସିଛି ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହିସମାରୋହରେ ଉଲ୍ଲେଖନୀୟ ସେବା ପାଇଁ ଚୁଡାପାଲିର ସମାଜସେବୀ ଲୋକନାଥ କୁମୁରାଙ୍କୁ ପ୍ରଭାକର ରଥ ସେବା ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ସ୍ମୃତି ସମିତି ଆବାହକ ମଦନ ମୋହନ ରଥ ବକ୍ତବ ରଖି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭା ପ୍ରାରମ୍ଭରେ ପ୍ରଭାକର ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରିୟା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିପରିଚୟ କବି ରତ୍ନମୟ ତ୍ରିପାଠୀ ପ୍ରଦାନ କରିଥିବା ବେଳେ ସମ୍ପାଦକ ମଧୁ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଘାସିରାମ ମିଶ୍ର, ଶିକ୍ଷାବିତ୍ ସତ୍ୟବନ୍ତ ବେଦ୍‌ବାକ୍, କପିଳ ପତି, ଗିରିଜା ଶଙ୍କର ରଥ, ନୀଳମଣି ମିଶ୍ର, ଗୋପବନ୍ଧୁ ଶତପଥି ଉପସ୍ଥିତ ଥିଲେ। ହୃଷୀକେଶ ପୁରୋହିତ, ସୁନାଧର ବନଛୋର, ଅରୁଣ ଖୁଆସ, ଚୁଡେନ୍ଦ୍ର କୁମାର ବେହେରା, ଜ୍ୟୋତିରାଣୀ ମିଶ୍ର, ପ୍ରଦୀପ ପଶାୟତ ଓ ଧୀରେନ୍ଦ୍ର ନାରାୟଣ ସିଂଦେଓ ସହଯୋଗ କରିଥିଲେ। ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଜି କରିବାକୁ ଡାକି ହତ୍ୟା

**ବେଲପଡ଼ା, ୧୧(ଡି.ଏନ୍.ଏ.)**

- ଅନୁପତରା ଗ୍ରାମ ଜଙ୍ଗଲରୁ ମୃତଦେହ ଉଦ୍ଧାର
- ୨ ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ତଅଁଳା ଗ୍ରାମର ଜଣେ ଯୁବକଙ୍କ ଅନୁପତରା ଜଙ୍ଗଲରେ ତଣ୍ଟି କାଟି ହତ୍ୟା କରାଯାଇଛି । ସେ ହେଲେ ପୁରୁଷୋତ୍ତମ ବେହେରା(୩୭)। ଏ ନେଇ ମୃତକଙ୍କ କାକା ସନ୍ତୋଷ ବେହେରା ବେଲପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(୨୯୬/୨୨)ରୁଜୁକରି ତନାଘନା ଚଳାଇଛି। ସନ୍ଦେହରେ ୨ ଜଣଙ୍କୁ ଉଠାଇ ନେଇ ପୋଲିସ ପଚରାଉଚରା କରୁଛି। ରବିବାର ସକାଳେ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବେଲପଡ଼ା ଥାନାଧିକାରୀ ବୁଲୁ ମୁଣ୍ଡା ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ତଦନ୍ତରୁ ମୃତକଙ୍କ ତଣ୍ଟିକୁ ଧାରୁଆ ଅସ୍ତ୍ରରେ କଟାଯାଇଛି। ହତ୍ୟା ପରେ ମୃତଦେହକୁ ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ ଏକ ଖାଲରେ ଫିଙ୍ଗି ଦିଆଯାଇଛି। ଘଟଣାସ୍ଥଳରେ ପୁରୁଷୋତ୍ତମଙ୍କ ଚପଲ, ବାଇକ୍ ଚାବି ପଡ଼ିଛି। ତାଙ୍କ ମୋବାଇଲ କଭର ମୃତଦେହ ନିକଟରେ ପଡ଼ିଥିବା ଦେଖିବାକୁ ମିଳିଛି । ହେଲେ ମୋବାଇଲ ଫୋନ୍‌ର ସୁରାକ ମିଳିନାହିଁ। ମୃତଦେହ ଆଖପାଖରେ ରକ୍ତଛିଟା ପଡ଼ିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏକାଧିକ ଲୋକ ପୁରୁଷୋତ୍ତମଙ୍କୁ ହତ୍ୟା କରିଥିବା ଅନୁମାନ କରାଯାଉଛି । ସୂଚନାମତେ, ୩୧ ତାରିଖ ପୂର୍ବାହ୍ନରେ ତଅଁଳା କୋଲୋନି ପଡ଼ାର ଜଣେ ଯୁବକ ପୁରୁଷୋତ୍ତମଙ୍କୁ ଫୋନ୍ କରିଥିଲେ। ଏହାପରେ ସ୍ତ୍ରୀଙ୍କୁ ଭୋଜିକରି ଯାଉଛି କହି ପୁରୁଷୋତ୍ତମ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କୁ ତାଙ୍କ ସ୍ତ୍ରୀ ଫୋନ୍ କରିଥିଲେ। ହେଲେ ଫୋନ୍ ସୁଇଚ୍ ଅଫ ବତାଇଥିଲା। ପରେ ପୁରୁଷୋତ୍ତମଙ୍କ ବାପା ଆନନ୍ଦ ବେହେରା ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ପୁଅର ବାଇକ୍ ଗାଁର ଅନତି ଦୂର ରାସ୍ତାକଡ଼ରେ ଥିବା ଦେଖାଯାଇଥିଲା। କିଛିଦୂରରେ ଥିବା ଅନୁପତରା ଜଙ୍ଗଲରେ ପୁଅର ମୃତଦେହ ପଡ଼ିଥିବା ସେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ରବିବାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ପଠାଇଛି। ସୂଚନାଯୋଗ୍ୟ, ପୁରୁଷୋତ୍ତମ ଏକ ଟେଲରିଂ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ।

### ଆଜି ବଲାଙ୍ଗୀର ପହଞ୍ଚିବ ହକି ବିଶ୍ୱକପ ଟ୍ରଫି

**ବଲାଙ୍ଗୀର ଅଫିସ, ୧୧**

ସୋମବାରବଲାଙ୍ଗୀର ପହଞ୍ଚିବ ହକି ବିଶ୍ୱକପ ଟ୍ରଫି। ଏହାକୁ ସ୍ୱାଗତ କରିବା ପାଇଁ ଜିଲାସ୍ତରରେ ବ୍ୟାପକ ପ୍ରସ୍ତୁତି ହୋଇଛି। ସକାଳ ସାଢ଼େ ୬ଟାରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରୁ ଲିଟିଲ ଫ୍ଲାୱାର ସ୍କୁଲ ପର୍ଯ୍ୟନ୍ତ ମିନି ମାରାଥନ୍ ଅନୁଷ୍ଠିତ ହେବ। ନୂଆପଡା ଜିଲାରୁ ଆସୁଥିବା ହକି ବିଶ୍ୱକପ ଟ୍ରଫିଟିମ୍‌କୁ ବଲାଙ୍ଗୀର-ନୂଆପଡା ଜିଲା ସୀମାରେଖା ଭାଲୁମୁଣ୍ଡା ଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ବଙ୍ଗୋମୁଣ୍ଡା ବିଡିଓ ସେଠାରେ ଟ୍ରଫି ଯାତ୍ରୀ ଦଳକୁ ସ୍ୱାଗତ କରିବେ। ଭାଲୁମୁଣ୍ଡାଠାରୁ ବଙ୍ଗୋମୁଣ୍ଡାକୁ ଟ୍ରଫିଯାତ୍ରୀ ଦଳ ଆସିବା ପରେ ସେଠାରେ ସ୍ୱାଗତ କରାଯିବ। ଏହାପରେ ଏହା ଟିଟିଲାଗଡ ଅଭିମୁଖେ ଯାତ୍ରା କରିବ। ଟିଟିଲାଗଡଠାରେ ମନ୍ତ୍ରୀ ଟୁକୁନି ସାହୁ, ଟିଟିଲାଗଡ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଟ୍ରଫିକୁ ସ୍ୱାଗତ କରିବା ପରେ ସେଠାରୁ ଏହା ସଇଁତଲା ଅଭିମୁଖେ ଯାତ୍ରା କରିବ। ସେଠାରୁ ଦେଓଗାଁ ଓ ବଲାଙ୍ଗୀର ସଦର ମହକୁମା ଅଭିମୁଖେ ଟ୍ରଫିଯାତ୍ରୀ ଦଳ ବାହାରିବେ। ଅପରାହ୍ଣ ୩ଟାରେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରୁ ଟ୍ରଫିଟୁର ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚିବ। ଏଥିରେ ଜିଲାର ମନ୍ତ୍ରୀ, ଲୋକ ସଭା ସାଂସଦ, ରାଜ୍ୟ ସଭା ସଦସ୍ୟ, ସମସ୍ତ ବିଧାୟକ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଏହାସହିତ ସମସ୍ତ ସ୍କୁଲ, କଲେଜ, କ୍ରୀଡା ସଂଘ, ବିଶିଷ୍ଟ କ୍ରୀଡାବିତ୍ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜିଲାପାଳ ରାଣା ସୂଚନା ଦେଇଛନ୍ତି। ଅପରାହ୍ଣ ୨ଟାରେ ଗାନ୍ଧୀ ଷ୍ଟାଡିୟମଠାରେ ଏକ ଫୁଟବଲ ମ୍ୟାଚ୍ ଏବଂ ଅପରାହ୍ଣ ୩ଟାରେ ଏକ ହକି ମ୍ୟାଚ୍ ଅନୁଷ୍ଠିତ ହେବ। ଅପରାହ୍ଣ ୫ଟାରେ ଗାନ୍ଧୀ ଷ୍ଟାଡିୟମରେ ସ୍ୱାଗତ ସମ୍ବର୍ଦ୍ଧନା ଆୟୋଜନ କରାଯିବ। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଜିଲାପାଳ ଚଞ୍ଚଳ ରାଣା ଖବରଦାତା ସମ୍ମିଳନୀରେ ଜିଲାରେ ହକି ବିଶ୍ୱକପ ଟ୍ରଫି ଟୁର ସମ୍ପର୍କରେ ସୂଚନା ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ହୃଷୀକେଶ



@ ନରେଶ



@ ଶେଷଦେବ



@ ଯୋଗେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଟିଟିଲାଗଡ଼, ୧୧(ଡି.ଏନ.ଏ.)**




ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ଫୁଟବଲ ଝିଅ ବର୍ଗ ଚାମ୍ପିୟନ ସିହିନି ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଟିଟିଲାଗଡ ବ୍ଲକ ସିହିନିସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ବ୍ଲକ ପ୍ରଶାସନ ଆୟୋଜିତ ଦ୍ୱିଦିବସୀୟ ୧୭ବର୍ଷରୁ କମ୍ ପୁଅ ଓ ଝିଅବର୍ଗରେ ଫୁଟବଲ ଓ ଖୋ ଖୋ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫୁଟବଲ ପ୍ରତିଯୋଗିତାର ପୁଅ ବର୍ଗରେ ୨୧ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ମହୁଲପଡା ଚାମ୍ପିୟନ, କର୍ଲୁଡ ରନର୍ସ ଅପ ବିବେଚିତ ହୋଇଥିଲା। ସେହିପରି ଫୁଟବଲ ଝିଅ ବର୍ଗରେ ସିହିନି ଚାମ୍ପିୟନ ଏବଂ ଘୋଡାର ରନର୍ସ ଅପ ହୋଇଛି। ଖୋଖୋ ପୁଅ ବର୍ଗରେ ୯ଟି ଦଳ ଅଂଶ ଗ୍ରହଣ କରିଥିଲେ। ଘୋଡାର ଚାମ୍ପିୟନ ଏବଂ ଅଦାବାହାଲ ରନର୍ସ ଅପ ବିବେଚିତ ହୋଇଛି। ଖୋଖୋ ଝିଅ ବର୍ଗରେ ଅଦାବାହାଲ ଦଳ ଚାମ୍ପିୟନ ଏବଂ ଘୋଡାର ରନର୍ସଅପ ହୋଇଛି। ପ୍ରତିଯୋଗିତାଟିକୁ ଅତିରିକ୍ତ ବିଡିଓ ମେନକା ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନି ପ୍ରଧାନ, ଜେଇ ଲୋପାମୁଦ୍ରା ବିଶ୍ୱାଳଙ୍କ ଉପସ୍ଥିତିରେ ରିଫେସ ଏନାର୍ଜି, ଚେନ୍ନାଇର ସିଇଓ ସିଏ ଦିନେଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ଦଳଙ୍କୁ ପୁରସ୍କୃତ କରିଥିଲେ। ବିଡିଓ ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ନରେଶ ଅଗ୍ରୱାଲ, ସରପଞ୍ଚ ପୃଥ୍ୱୀରାଜ ଚିନାଗୁର, ରୁପଧର ଘିବେଲା, ଇଓ ଚତୁର୍ଭୁଜ ପ୍ରଧାନଙ୍କ ସମେତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତିଯୋଗିତା ଆୟୋଜନ ନେଇ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଫୁଟ୍‌ବଲ, ଖୋ ଖୋ ପ୍ରତିଯୋଗିତା

**ଲୋଇସିଂହା,୧୧(ଡି.ଏନ.ଏ)**

ଓଡିଶାରେ ହକି ବିଶ୍ୱକପ ଆୟୋଜନ ଉପଲକ୍ଷେ ୧୭ ବର୍ଷ କମ୍‌ବର୍ଗର ବାଳିକା, ବାଳକଙ୍କୁ ନେଇ ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଆୟୋଜିତ ବ୍ଲକସ୍ତରୀୟ ଫୁଟବଲ, ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାଳିକା ଓ ବାଳକ ବର୍ଗରେ ଖୋଖୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବାଳିକା ବର୍ଗରେ ଉପରବାହଲ ସରଗାଡକୁ ହରାଇ ଚାମ୍ପିୟନ ହୋଇଥିଲା। ବାଳକ ବର୍ଗରେ ଉପରବାହାଲ ବିଜୟୀ ହୋଇଛି। ସେହିପରି ଫୁଟବଲ ପ୍ରତିଯୋଗୀତାରେ ବ୍ଲକରୁ ୧୮ଟିଦଳ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ କୁଶମେଲ ଚାମ୍ପିୟନ ହୋଇଛି । ଜିପିଓ କିଶୋର ମାନସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏବିଡିଓ ବିଜୟ କୁମାର ହୋତା, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, କୁଶମେଲ ସରପଞ୍ଚ କୌସ୍ତୁବ ସାହୁ, ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଅତିଥି ପୁରସ୍କୃତ କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧନାରେ ୫ଜଣ କ୍ରୀଡା ଶିକ୍ଷକଙ୍କ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ବର୍ଗର ଖୋଖୋ ଚାମ୍ପିୟନ ଦଳ।

# କଳାହାଣ୍ଡିରେ ପୁରୁଷ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ

**ଭବାନୀପାଟଣା/କୋକସରା, ୧୧(ସ୍ୱ.ପ୍ର/ଡି.ଏନ୍.ଏ.)**




ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପୁରୁଷ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ।

ପୁରୁଷ ବିଶ୍ୱକପ ହକି ଟ୍ରଫିକୁ ରବିବାର କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରା ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଛି। ମଧ୍ୟାହ୍ନ ୧୨ ଟାରେ ଜିଲାର ସୀମା ଆମପାଣିଠାରେ ବିଶ୍ୱକପ ଟ୍ରଫିକୁ ସାଂସ୍କୃତିକ ଦଳ, ଘୁମୁରା ବାଦ୍ୟରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଧର୍ମଗଡ ଉପ ଜିଲାପାଳ ବେଦଭୂଷଣ, ବିଡିଓ କୋକସରା ଉତ୍ତମ ବାଗ, ସରପଞ୍ଚ, ସମିତି ସଭ୍ୟ, ଜଣସାଧାରଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ରଥକୁ ମୋଟେରଠାରେ ସ୍ୱାଗତ ଜଣାଇବା ନିମନ୍ତେ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ଜୁନାଗଡ଼ଠାରେ ଧର୍ମଗଡ଼ ଉପଜିଲାପାଳ ବେଦଭୂଷଣ, ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଅଧକ୍ଷା ସବିତା ମେହେର, ବିଡ଼ିଓ ଦୁଲାରାମ ମାରାଣ୍ଡି ସମେତ ପଞ୍ଚାୟତ ପ୍ରତିନିଧି, ଜଣସାଧାରଣ ସ୍ୱାଗତ କରିଥିଲେ। କୁଟୁଖମାରଠାରେ ସ୍ୱାଗତ ପରେ ରଥ ଭବାନୀପାଟନା ଟାଉନ ହଲଠାରେ ପହଞ୍ଚିଥିଲା। ସେଠାରେ ଟ୍ରଫିକୁ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜୀ, ସଚିନ ପାୱାର,ପୌରପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ଉପସ୍ଥିତ ଜିଲା ଅଧିକାରୀ, ଏସ୍‌ଏଚଜି ସଭ୍ୟା, ପୌରପରିଷଦ ୱାର୍ଡ ସଭ୍ୟାସଭ୍ୟ, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ, ଜିଲା ବେଡ଼ମିଣ୍ଟନ ସଂଘ ସଭ୍ୟ, କଳାକାର ସଂଘ କର୍ମକର୍ତ୍ତା, ଜିଲା କ୍ରୀଡ଼ା ସଂଘ ସଭ୍ୟ, ପୂର୍ବତନ ଜନ ପ୍ରତିନିଧି ତଥା ଗଣମାଧମ ପ୍ରତିନିଧିଙ୍କ ଗହଣରେ ପ୍ରାୟ ୫୦୦ ଜଣଙ୍କ ସମାବେଶରେ ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ବାହାରି ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପହଞ୍ଚିଥିଲେ। ଟ୍ରଫିକୁ ସ୍ୱାଗତ କରିବା ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷ, ଜିଲାପାଳ, ଏସ୍‌ପି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସକାଳେ ଅନୁଷ୍ଠିତ ଉଭୟ ବାଳକ ଓ ବାଳିକା ବିଭାଗରେ ଉତ୍ତୀର୍ଣ୍ଣ ୫ଜଣ

**ଭବାନୀପାଟଣାରେ ବିରାଟ ଶୋଭାଯାତ୍ରା**

ପ୍ରତିଯୋଗୀଙ୍କୁ ୫୦୦୦, ୪୦୦୦, ୩୦୦୦, ୨୦୦୦, ୧୦୦୦ ଟଙ୍କା ଅର୍ଥରାଶି ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ମହିଳା ହକି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା, କାଉପା ନୃତ୍ୟ ଦଳ ପରେ ଟ୍ରଫି ରଥ ନୂଆପଡ଼ା ଅଭିମୁଖେ ଯାତ୍ରା କରିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମର ଆୟୋଜନ ଜିଲା କ୍ରୀଡ଼ା ଅଧିକାରୀ ମହେଶ ପାଢ଼ୀ କରିଥିଲେ। ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରସନ୍ନ ମେହେର, ଡିଆଇପିଆର୍‌ଓ ମନୋଜ ବେହେରା, ଓ ଏଲଏମଡିପିଏମ ପ୍ରସନ୍ନ ମିଶ୍ର, ଶ୍ରୀବିମୱା ସାହୁ , ଆଇପିଇ ମହେନ୍ଦ୍ର ପଣ୍ଡା, ଯୋଗେନ୍ଦ୍ର କ୍ଷେତ୍ର, ନବୀନ ନାୟକ, ସଞ୍ଜୟ ମିଶ୍ର, ସୁବାସ ନାଗ ପ୍ରମୁଖ ସହଯୋଗ କରିଥିଲେ।

